# ନିର୍ବାଚନ ଡ୍ୟୁଟିରେ ମଧ୍ୟପ୍ରଦେଶ ଯାଇଥିବା ଓଡ଼ିଶା ଗୃହରକ୍ଷୀ ଦହଗଞ୍ଜ

**ବେତନଟୀ, ୨୨।୧୧(ସମିସ):** ମଧ୍ୟପ୍ରଦେଶ ନିର୍ବାଚନ ଡ୍ୟୁଟିରେ ପାଖାପାଖି ଏକହଜାର ଗୃହରକ୍ଷୀ ଓଡ଼ିଶାରୁ ଯାଇଥିବା ବେଳେ ନିର୍ବାଚନ ସରିବାପରେ ବୁଧବାର ଦିନତମାମ ଭିଦିଶା ରେଳଷ୍ଟେସନରେ ଭୋକ ଉପାସରେ ପଡ଼ିରହିଥିଲେ। କୌଣସି ଅଧିକାରୀ ସେମାନଙ୍କ ସମସ୍ୟା ଶୁଣି ନ ଥିଲେ। ମଧ୍ୟପ୍ରଦେଶରେ ୧୭ ତାରିଖରେ ନିର୍ବାଚନ ଥିବାବେଳେ ଓଡ଼ିଶାରୁ ପାଖାପାଖି ଏକହଜାର ଗୃହରକ୍ଷୀ କଟକରୁ ରେଳଯୋଗେ ମଧ୍ୟପ୍ରଦେଶ ଯାତ୍ରା କରିଥିଲେ। ତନ୍ମଧ୍ୟରୁ ବେତନଟୀ ଥାନାରୁ ୫ଜଣ ଗୃହରକ୍ଷୀ ସାମିଲ ଥିଲେ। ୧୩ତାରିଖରେ କଟକରୁ ଯାତ୍ରା ଆରମ୍ଭକରିଥିବା ଗୃହରକ୍ଷୀ ୧୫ତାରିଖ ଭୋର ଭିଦିଶା ଷ୍ଟେସନରେ ଓହ୍ଲାଇଥିଲେ। ସେଠାରୁ ସିରଞ୍ଜ ନିର୍ବାଚନମଣ୍ଡଳୀରେ ଡ୍ୟୁଟିସାରିଥିବା ବେଳେ ସେମାନଙ୍କୁ ମଙ୍ଗଳବାର ରାତି ୩ଟାରେ ଆଣି ପୁଣି ଭିଦିଶା ଷ୍ଟେସନରେ ଛାଡିଦିଆଯାଇଥିଲା। ସକାଳ ୬ଟାରେ ଟ୍ରେନ ଅଛି କହି ଷ୍ଟେସନରେ ଛାଡିଦିଆଯାଇଥିବା ବେଳେ ଟ୍ରେନର ଦେଖା ନ ଥିଲା। ୧୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଷ୍ଟେସନରେ ଭୋକଉପାସରେ ପଡ଼ିରହିଥିଲେ ସୁଦ୍ଧା କୌଣସି ଅଧିକାରୀ ସେମାନଙ୍କ କଥା ବୁଝି ନ ଥିଲେ। ଟ୍ରେନ ଆସିବ ଆଶାରେ ଷ୍ଟେସନ ଛାଡି ମଧ ଖାଇବାକୁ ଯାଇପାରିଲେ ନାହିଁ। ବୁଧବାର ଅପରାହ୍ଣ ସାଢେଚାରିଟା ପାଖାପାଖି ସମୟରେ ଟ୍ରେନ୍ ଆସିବାପରେ ଗୃହରକ୍ଷୀମାନେ ଓଡ଼ିଶା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।

# ନୂତନ ଟ୍ରେନ୍‌ରେ ରାଉରକେଲା ଯାତ୍ରା

**ରାଇରଙ୍ଗପୁର, ୨୨।୧୧(ସମିସ):** ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟିତ ବାଦାମପହାଡ଼ - ରାଉରକେଲା ସାପ୍ତାହିକ ସ୍ପେଶାଲ ଟ୍ରେନ ଦ୍ୱାରା ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଓ ବିଭିନ୍ନ ଆଦିବାସୀ ସଂଗଠନ କର୍ମକର୍ତ୍ତାମାନେ ରାଉରକେଲା ପର୍ଯ୍ୟନ୍ତ ଟ୍ରେନ୍ ଯାତ୍ରା କରିଥିଲେ। ସେଠାରେ ରାଉରକେଲା ଷ୍ଟେସନ ପହୁଞ୍ଚିଲାବେଳେ ମୟୂରଭଞ୍ଜ ଆଦିବାସୀ ସମାଜ ମାଝୀ ପାରଗାନା ମହଲର କୋଷାଧ୍ୟକ୍ଷ ସାଲାଇ ଟୁଡୁ, ହେମନ୍ତ ମାଝୀ, ଦୁବରାଜ ମୁର୍ମୁ, ଲକ୍ଷ୍ମୀ ହାସଦା, ଝାନୋ ମୁର୍ମୁ, ବିରସିଁହ ବାସ୍କେଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ବ୍ୟତୀତ ରାଉରକେଲା ଏକ୍ସପ୍ରେସର ଟ୍ରେନର ଦୁଇଜଣ ପାୟଲଟ ଜାକିର ହୁସୈନ ଖାନ ଓ ଜାନୁମ ସିଂହ ବୋଦ୍ରାଙ୍କୁ ମଧ ଫୁଲତୋଡା ଦେଇ ସାଧୁବାଦ ଓ ଧନ୍ୟବାଦ ଜଣାଇଥିଲେ। ଏହା ସହିତ ମହାମହିମ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ଆଦିବାସୀ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ବିଶେଷ କରି ଭାରତ ସରକାରଙ୍କ କୃତଜ୍ଞତା ଜଣାଇଥିଲେ।

# ନୂଆସାହି ସ୍କୁଲରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




**କପ୍ତିପଦା, ୨୨।୧୧(ସମିସ):** ନୂଆସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୋଷ୍ଠୀଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକଙ୍କ ଦ୍ୱାରା ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଭୋଟର ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ଡ, ଚନ୍ଦ୍ରକୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟର ୪ନଂ ହଲରେ ଆୟୋଜିତ ସଭାରେ ନୋଡାଲ ଅଫିସର ଡ. ଶ୍ରୀହରି ପଣ୍ଡା, ସାମାଜିକ କାର୍ଯ୍ୟକ୍ରମ ବିଭାଗୀୟ ମୁଖ୍ୟ ଧନଞ୍ଜୟ ରାଉତ, ସାଂସ୍କୃତିକ ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି, ବରିଷ୍ଠ ଅଧ୍ୟାପକ ଶଙ୍କର୍ଷଣ ମିଶ୍ର, ଅଧ୍ୟାପକ ସର୍ବେଶ୍ୱର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ମନମୋହନ ମହାପାତ୍ର, ଅଧ୍ୟାପିକା ମୈନାବତୀ ଦାସ, ଲୀନା ଆଚାର୍ଯ୍ୟ, ରତ୍ନପୂର୍ଣ୍ଣା କର ଏବଂ ବୀର କିଶୋର ବେହେରା ପ୍ରମୁଖ ବିଭିନ୍ନ କାର୍ଯ୍ୟ କ୍ରମର ବିଚାରକ ଓ ସହାୟକ ଭାବେ ସହଯୋଗ କରିଥିଲେ। ରଙ୍ଗୋଲିରେ ଚମ୍ପାମୁର୍ମୁ, ନୃତ୍ୟରେ ସୁମନ ରଣା ଓ ଗ୍ରୁପ ଅଭିନୟରେ ଜନ୍ମେଜୟ ଲେଙ୍କା ଓ ପରମେଶ୍ୱର ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ପରେ ଅଧ୍ୟାପକ ଧନଞ୍ଜୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାମଶୋଳ ସ୍କୁଲରେ ଅବ୍ୟବସ୍ଥା

# ତାତିଲେ ଅଭିଭାବକ

ବେତନଟୀ, ୨୨।୧୧(ସମିସ)



ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ସଂଖ୍ୟକ ପୁସ୍ତକ ଯୋଗାଇ ଦିଆଯାଇ ନ ଥିବାରୁ ବୁଧବାର ପିଟିଏମ୍ ବୈଠକରେ ବେତନଟୀଥାନା ଅଧୀନ ଜାମଶୋଳ

**ଅଷ୍ଟମଶ୍ରେଣୀ ପିଲାଙ୍କୁ ମିଳିପାରିଲାନି ଇଂରାଜୀ ଓ ହିନ୍ଦୀ ପୁସ୍ତକ**

**ଷାଣ୍ମାସିକ ସରିଲା, ବାର୍ଷିକ ଆସୁଛି**

ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଅଭିଭାବକ ଅସନ୍ତୋଷ। ସୂଚନା ମୁତାବକ ଜାମଶୋଳ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ ଶହେରୁ ଅଧିକ। ଅଷ୍ଟମଶ୍ରେଣୀରେ ପଢୁଥିବା ୨୨ଜଣ ପିଲାଙ୍କ ମଧ୍ୟରୁ ୩ଜଣଙ୍କର ଇଂରାଜୀ ଏବଂ ହିନ୍ଦୀପୁସ୍ତକ ଥିବାବେଳେ ୧୯ଜଣଙ୍କର ପୁସ୍ତକ ନାହିଁ। ସେହିଭଳି ସପ୍ତମଶ୍ରେଣୀରେ ୨୫ଜଣ ଛାତ୍ରଛାତ୍ରୀଙ୍କ ମଧ ପ୍ରାୟ ୧୬ରୁ ୧୭ଜଣଙ୍କ ପାଖରେ ବିଜ୍ଞାନ ବହି ନ ଥିବାରୁ ତୀବ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ତପନ କୁମାର ଦାସଙ୍କ ସମେତ ବହୁ ଅଭିଭାବକ। ତେବେ ବିନା ବହିରେ ଷାଣ୍ମାସିକ ପରୀକ୍ଷା ସରିଥିବା ବେଳେ ଆସ ୨-୩ମାସ ପରେ ବାର୍ଷିକ ପରୀକ୍ଷା। ବିନା ପୁସ୍ତକରେ ପିଲାମାନେ କିଭଳି ପାଠପଢୁଛନ୍ତି ଏହାକୁ ନେଇ ବୁଧବାର ସ୍କୁଲରେ ଆୟୋଜିତ ପିଟିଏମ (ପ୍ୟାରେଣ୍ଟସ-ଟିଚର୍ସ ମିଟିଂ) ବୈଠକରେ ଅଭିଭାବକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଶିକ୍ଷାବିଭାଗକୁ ଦାୟୀ କରିଛନ୍ତି। ତେବେ ଖୋଦ୍ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଜିଲ୍ଲାରେ ଯଦି ଏଭଳି ଅବ୍ୟବସ୍ଥା ତାହେଲେ ସମଗ୍ର ରାଜ୍ୟରେ କିଭଳି ଅବସ୍ଥା ହୋଇଥିବ ସେନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ମୋରଡାବ୍ଲକ ବିଇଓଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

# ବାସ୍କେଟ୍ ବଲ ପଡ଼ିଆ ଉଦ୍‌ଘାଟିତ

**ଖୁଣ୍ଟା, ୨୨।୧୧(ସମିସ):** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ନବନିର୍ମିତ ବାସ୍କେଟବଲ ପଡ଼ିଆ ଆଜି ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡଃ ଅଶ୍ୱନୀ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଖୁଣ୍ଟା ବ୍ଲକର ପୂର୍ବତନ ଅଧ୍ୟକ୍ଷା ତଥା ମହାବିଦ୍ୟାଳୟ ଆଲୁମିନି ସଭାପତି ପୁଷ୍ପଲତା ମାରାଣ୍ଡି, କ୍ରୀଡ଼ା ପ୍ରଶିକ୍ଷକ କିଶୋର ଚନ୍ଦ୍ର ଦାଶ ଏବଂ କ୍ରୀଡ଼ା ବିଭାଗର ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। କମିଟିର ସମସ୍ତସଦସ୍ୟ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର, ୩୬ ୟୁନିଟ୍ ସଂଗ୍ରହ



କୁଆମରା, ୨୨।୧୧(ସମିସ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଲେଜ ପ୍ରତିଷ୍ଠାତା ତଥା ପୂର୍ବତନ ଜିଲ୍ଲାପରିଷଦ କୃଷ୍ଣମୋହନ ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟିର ସଭାପତି ତଥା ଶିକ୍ଷାବିତ ସୁମନ୍ତ କୁମାର ଦାସ, ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରେଡକ୍ରସ ଯୋଜନା ଅଧିକାରୀ ଗଣେଶ ପ୍ରସାଦ ସେଠୀ, ଜାତୀୟ ସେବା ଯୋଜନା ଅଧିକାରୀ ଉମାକାନ୍ତ ବେହେରା, ଯୁବ ଓଡ଼ିଶା ନୋଡାଲ ଅଫିସର ମନୋଜ କୁମାର ସାହୁ, ଅଧ୍ୟାପକ ଗୋପାଲ କୃଷ୍ଣ ନାୟକ, ଦୁର୍ଗାଦତ୍ତ ବେହେରା, ଅଧ୍ୟାପିକା ସସ୍ମିତା ଚୌଧୁରୀ, ଜ୍ୟୋତିରୂପା ମହାପାତ୍ର, ବିଜୟ ଲକ୍ଷ୍ମୀ ଦାସ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଉଦଳା ରକ୍ତ ଭଣ୍ଡାର ରୁ ଡା.ଖଗେଶ୍ୱର ସିଂହ, ଅଭିନ ସୁନ୍ଦର ନାୟକ, କମଳ କୁମାର ନାଏକ, ଅଜିତ ସିଂ, ମାନସ ରଞ୍ଜନ ମହାନ୍ତି ରକ୍ତ ସଂଗ୍ରହ କରିଥିଲେ।

# ଖୁଣ୍ଟାପୋଷିରେ ଜଗଦ୍ଧାତ୍ରୀ ପୂଜା



ମହୁଲଡ଼ିହା, ୨୨।୧୧(ସମିସ)

ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଦିଗଧର ପଞ୍ଚାୟତ ଅଧୀନ ଖୁଣ୍ଟାପୋଷି ଗ୍ରାମରେ ୨୮ ବର୍ଷ ଧରି ପାଳିତ ହୋଇ ଆସୁଛି ମା ଜଗଦ୍ଧାତ୍ରୀଙ୍କ ପୂଜାର୍ଚ୍ଚନା। ଗ୍ରାମର ସୁରତ ସାହୁ ଆରମ୍ଭ କରିଥିବା ମା ଜଗଦ୍ଧାତ୍ରୀଙ୍କ ପୂଜା ବଡ ପୁଅ ସତିନ ସାହୁ ଓ ବୋହୂ ଲକ୍ଷ୍ମୀପ୍ରିୟା ସାହୁ ବହୁ ବର୍ଷ ଧରି ପୂଜା କରି ଆସୁଥିଲେ। ଚଳିତ ପୂଜାରେ ସତିନ ସାହୁଙ୍କ ବଡ଼ପୁଅ ବିଶ୍ୱଜିତ ସାହୁ ଓ ବୋହୂ ମଧୁସ୍ମିତା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ପୂଜାରେ ପୂଜକ ଶ୍ୟାମସୁନ୍ଦର ପଣ୍ଡା, ବିପିନ ବିହାରୀ ତ୍ରିପାଠୀ, ପ୍ରଭାକର ମିଶ୍ର, ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଜବତ, ଜଣେ ଗିରଫ

ଠାକୁରମୁଣ୍ଡା, ୨୨।୧୧(ସମିସ): ୧୧ କେଭି ବିଦ୍ୟୁତ ସଂଯୋଗ ନିମନ୍ତେ କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତା କଡ଼ରେ ପୋତା ଯାଇଥିବା ବିଦ୍ୟୁତ ଖୁଣ୍ଟ ଗୁଡ଼ିକୁ କାଟି ଚୋରି କରି ନେଇ ଯିବାକୁ ଉଦ୍ୟମ କରୁଥିବା ସମୟରେ ଠାକୁରମୁଣ୍ଡା ଥାନା ପୁଲିସ ଜଣକୁ ଧରିବାରେ ସଫଳ ହୋଇଛି। ଚୋରିରେ ବ୍ୟବହୃତ ଗୋଟିଏ ପିକଅପ୍ ଓ ଗୋଟିଏ କଟର ମେସିନ ସହ କଟାଯାଇଥିବା ୧୧ ଟି ଲୁହା ବିଦ୍ୟୁତ ଖୁଣ୍ଟକୁ ଜବତ କରିଛି। ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କଳିଆପୋଷି ଠାରୁ ସୁନାରିପୋଷି ମଧ୍ୟରେ ନୂଆ ଭାବରେ ପୋତା ହୋଇଥିବା ବିଦ୍ୟୁତ ଖୁଣ୍ଟଗୁଡ଼ିକୁ କଟା ଯାଉଥିବା ନେଇ ଠାକୁରମୁଣ୍ଡା ପୁଲିସ ସୂଚନା ପାଇଥିଲା। ରାତି ପ୍ରାୟ ୧୧ ଟା ସମୟରେ ପୁଲିସ ଘଟଣାସ୍ଥଳକୁ ଯାଇ ଚାଇବାଇଁଷି ଗ୍ରାମ ନିକଟରେ ଚୋରି ସାମଗ୍ରୀ ପରିବହନ ପାଇଁ ଥିବା ଗୋଟିଏ ପିକଅପ୍ ଭ୍ୟାନକୁ ଜବତ କରିବା ସହ ଗୋଟିଏ କଟର ମେସିନକୁ ଜବତ କରିଥିଲା। ଘଟଣାସ୍ଥଳରୁ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଭ୍ୟାନର ଡ୍ରାଇଭରକୁ ପୁଲିସ ଧରିବାରେ ସଫଳ ହୋଇଥିଲେ। ଡ୍ରାଇଭର ଜଣକ ହେଉଛନ୍ତି ଚୌଦ୍ୱାର ଅଞ୍ଚଳର ଅଜୁ ପିଙ୍ଗୁଆ। ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି ପୁଲିସ।



# ରାଜ୍ୟସ୍ତରୀୟ ସୁରଭିର କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

**ବାରିପଦା, ୨୨।୧୧(ସମିସ):** ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ମୟୂରଭଞ୍ଜ ଜିଲ୍ଲାକୁ ପ୍ରତିନିଧିତ୍ୱ କରି ପୁର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଂସ୍କୃତିକ ଦଳ ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ମଙ୍ଗଳବାର ଅପରାହ୍ଣରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସମସ୍ତ ୭ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ସହଯୋଗ କରିଥିବା ସମସ୍ତଙ୍କ ଉଦ୍ୟମକୁ ମଧ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ସିଂହ, ୱାର୍ଡେନ ସରୋଜ କୁମାର ସାବତ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ 'ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ'; ୧୨୮ ପ୍ରକଳ୍ପ ପ୍ରଦର୍ଶିତ




ବଡ଼ସାହି/ମାଣତ୍ରୀ, ୨୨।୧୧(ସମିସ)



ବଡ଼ସାହି ବ୍ଲକର ବାବା କଖାରୁଆ ବୈଦ୍ୟନାଥ ଉଚ୍ଚବିଦ୍ୟାଳୟର ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ତଥା ବିଜ୍ଞାନ ମେଳାର ସମ୍ପାଦକ ହରିଶ୍ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ତଥା ବିଜ୍ଞାନ ମେଳାର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ ବିଜ୍ଞାନ ମେଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ମଧୁସ୍ମିତା ଗିରି ଅଧ୍ୟକ୍ଷତା କରିଥିଲେ। ଜଗନ୍ନାଥ ମିଶ୍ର, ବାଣୀଶ୍ରୀ ସିଂହ ଓ କାହ୍ନୁ ଚରଣ ବାରିକ୍ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାରତୀ ହାଁସଦା, ଜିଲ୍ଲା ପରିସଦ ଅଧ୍ୟକ୍ଷ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ନିତ୍ୟାନନ୍ଦ ବାରିକ୍, ମୁଖ୍ୟବକ୍ତା ରମାକାନ୍ତ ମିଶ୍ର, ମୀନତି ସିଂ, କାଞ୍ଚନ କୁମାର ପ୍ରଧାନ, ଜଗନ୍ନାଥ ମଲ୍ଲିକ, ସୁବାସିନୀ ନାୟକ, ବିଶ୍ୱନାଥ ହେମ୍ବ୍ରମ ଜିଲ୍ଲା ପରିଷଦ ସଦସ୍ୟ, ପଦ୍ମଲୋଚନ ଦାସ, ସାବିତ୍ରୀ ସିଂ, ସରପଞ୍ଚ ମାଣତ୍ରୀ ଗ୍ରାମପଞ୍ଚାୟତ, ଦୀନବନ୍ଧୁ ବାରିକ୍ ବିଦ୍ୟାଳୟର ସଭାପତି ଯୋଗଦେଇ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ପ୍ରତାପ ଚନ୍ଦ୍ରଷଡ଼ଙ୍ଗୀ ଲୋକସଭା ସଦସ୍ୟ ବାଲେଶର, ମୁଖ୍ୟବକ୍ତା ଡ. ରଜନୀକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ରାଧିଆ ଚରଣ ମୁଣ୍ଡା, ଶଶୀଶେଖର ପଣ୍ଡା ଉପସ୍ଥିତ ଥିଲେ।

ବିଜ୍ଞାନ ମେଳାର ୧୨୮ଟି ପ୍ରକଳ୍ପ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତ୍ତା ଶିକ୍ଷକବୃନ୍ଦ ଆଣି ପ୍ରଦର୍ଶିତ କରିଥିଲେ। ବିଚାରକ ଭାବେ ପୂର୍ବତନ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ସୁଦର୍ଶନ ପଣ୍ଡା ଓ ନଳୀନି ଚୌଧୁରୀଙ୍କୁ ମୂଲ୍ୟାଙ୍କନରେ ରବୀନ୍ଦ୍ର ପାଣିଗ୍ରାହୀ ଓ ନିଗମାନନ୍ଦ ମହାପାତ୍ର ସହଯୋଗ କରିଥିଲେ। ମୁଖ୍ୟଅତିଥି କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟରେ - ଲାବଣ୍ୟ ପତି, କୃଷିରେ - ଯଶୋବନ୍ଧୁ ସାହୁ ବଡ଼ସାହି ସରକାରୀ ହାଇସ୍କୁଲ ସହଜରେ ଗଛ ଲଗାଇବା ଯନ୍ତ୍ର, ପରିବହନରେ - ତିଲୋତ୍ତମା ସିଂହ, ପରିବେଶରେ - ଜ୍ୟୋତିପ୍ରକାଶ ପଣ୍ଡା, କମ୍ପ୍ୟୁଟରରେ - ଦୀପଙ୍କର ଗିରି ପ୍ରତାପପୁର ହାଇସ୍କୁଲ ବିଭିନ୍ନ ଉପାୟରେ ସଂଖ୍ୟାକୁ ଚିହ୍ନିବା ଓ ଜାଣିବା ବିଷୟରେ କୃତିତ୍ୱ ହୋଇ ଜିଲ୍ଲାସ୍ତରକୁ ଯିବାପାଇଁ ମନୋନୀତ ହୋଇଛନ୍ତି। ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

୧୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ମୟୂରଭଞ୍ଜର ଜନ ନାୟକ ତଥା ବରପୁତ୍ର
ସ୍ୱର୍ଗତ ଅଜୟ କୁମାର ଦାଶ
ଆବିର୍ଭାବ-୨୭.୦୯.୧୯୩୨
ତିରୋଧାନ-୦୯.୧୧.୨୦୧୧

କାର୍ଯ୍ୟସୂଚୀ:
ତା.୨୩.୧୧.୨୦୨୩ରିଖ : ଗୁରୁବାର
ସ୍ମାରକୀ ସଭା
-: ମୁଖ୍ୟଅତିଥି :-
ଡ଼. ଅରୁଣ ରଥ, ଆଇଏଏସ୍ (ଆର୍)
-: ସମ୍ମାନିତ ଅତିଥି :-
ଡଃ. ଦିନେଶ ଷଡଙ୍ଗୀ
(ପୂର୍ବତନ ମନ୍ତ୍ରୀ, ଝାଡଖଣ୍ଡ)

ସ୍ଥାନ: ସହିଦ୍ ସ୍ମୃତି ଭବନ, ବାରିପଦା
ସମୟ: ସନ୍ଧ୍ୟା ୬ ଘଟିକା

- ଅଜୟ ଦାଶ ସ୍ମୃତି ମେଧାବୃତ୍ତି ପ୍ରଦାନ
- ବରେଣ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା
- ସମାଜ ସେବା ପାଇଁ ସାଂଗଠନିକ ପ୍ରୋତ୍ସାହନ
- ଅତିଥିଙ୍କୁ ଉପଢୌକନ ପ୍ରଦାନ।

ରାତ୍ରି ଭୋଜନ: ବୀଣାପାଣି ମଣ୍ଡପ, ବେଲଗଡ଼ିଆ, ବାରିପଦା (ରାତ୍ର ୮ ଘଟିକା)

ନିବେଦକ: ଶ୍ରୀ ସାରଦା ପ୍ରସନ୍ନ ମହାନ୍ତି,
ଅଧ୍ୟକ୍ଷ, ଅଜୟ ଦାଶ ସ୍ମୃତି କମିଟି

# କ୍ରିକେଟ ପ୍ରତିଯୋଗିତାରେ ମୟୂରଭଞ୍ଜରୁ ୩୦ ପ୍ରତିଯୋଗୀ

**ବାରିପଦା, ୨୨।୧୧(ସମିସ):** ଓଡ଼ିଶା ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗର କ୍ରିକେଟ ପ୍ରତିଯୋଗିତା ଚଳିତମାସ ୨୩ରୁ ୨୬ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ବୁର୍ଲାଠାରେ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ୍ ମ୍ୟାନେଜର ଭାବେ ପିଇଟି ଅକ୍ଷୟ ବାରିକ ଓ ବାଳିକା ଟିମ ମ୍ୟାନେଜର ଭାବେ ପିଇଟି ସୁକାନ୍ତି ମହାନ୍ତଙ୍କ ନେତୃତ୍ୱରେ ୩୦ କ୍ରୀଡ଼ାବିତ୍ତ ଯୋଗ ଦେଇଛନ୍ତି। ସେମାନେ ହେଲେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ଅବିନାଶ ବାରିକ, ଅମିର ରଞ୍ଜନ ଗିରି, ଆଲୋକ ମଲ୍ଲିକ, ରାଜେଶ ସେଠୀ, ସ୍ନେହାଂଶ ରାଉତ, ଜିଏନ ବିଶ୍ୱପ୍ରକାଶ, ଚନ୍ଦନ ସିଂ, ହିମାଂଶୁ ଶେଖର ମହାନ୍ତ, ରାଜକୁମାର ବେହେରା, ଦୀପଙ୍କର ବେହେରା, ଲିପୁନ ଦାସ, ଗଣେଶ ମୁର୍ମୁ, କରୁଣା ନାୟକ, ଆକାଶ ମହାକୁଡ଼, ପାର୍ଥସାରଥୀ ବେହେରା ଓ ବାଳିକା ବିଭାଗରେ ଗୀତାଞ୍ଜଳି ମୁର୍ମୁ, ବିଷ୍ଣୁପ୍ରିୟା ନାଏକ, ଶୁଭସ୍ମିତା ମହାନ୍ତ, ସୁନିତା ମହାନ୍ତ, ଆଦ୍ୟାଶା ମହାନ୍ତ, ଅନ୍ୟାଶା ପଣ୍ଡା, ରେଣୁ ନାଏକ, ପାନ ସୋରେନ, ସାବିତ୍ରୀ ସୋରେନ, ଲକ୍ଷ୍ମୀପ୍ରିୟା ସୋରେନ, ଦିପାଲୀ ସିଂ, ବର୍ଷା ସିଂ, ଭାଗ୍ୟଶ୍ରୀ ମହାନ୍ତ, ଗାୟତ୍ରୀ ସିଂ, ଶୁଭଲା ମୁଣ୍ଡା। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି।

# ମୟୂରଭଞ୍ଜର ୮ଟି ପର୍ଯ୍ୟଟନସ୍ଥଳୀ ପ୍ଲାଷ୍ଟିକ ଫ୍ରି ପିକ୍‌ନିକ୍ ସ୍ପଟ୍ ଘୋଷିତ



**ବାରିପଦା, ୨୨।୧୧(ସମିସ):** ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୮ଟି ପର୍ଯ୍ୟଟନସ୍ଥଳୀ ପ୍ଲାଷ୍ଟିକ ଫ୍ରି ପିକନିକ ସ୍ପଟ୍ ଭାବେ ଘୋଷଣା କରାଯାଇଛି। ଏନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲାର ଭୀମକୁଣ୍ଡ ଇକୋ ଟୁରିଜିମ, ଭୈରବ କୁଣ୍ଡ, ବରେହିପାଣି, ସୀତାକୁଣ୍ଡ ଓ ଦେବକୁଣ୍ଡ ଜଳପ୍ରପାତ, ଦେଉଳି (ଜମ୍ବୀରା) ଡ୍ୟାମ, ଦେବକୁଣ୍ଡ ପ୍ରବେଶ ଗେଟ ପାଖ ପିକନିକ ସ୍ପଟ ଏବଂ ବଡ଼ଯୋଡ଼ ଡ୍ୟାମ ପିକନିକ ସ୍ପଟ ଆଦିକୁ ପ୍ଲାଷ୍ଟିକ ଫ୍ରି ପିକନିକ ସ୍ପୋଟ ଭାବେ ଘୋଷଣା କରାଯାଇଛି। ସ୍ଥାନୀୟ ପ୍ରତିନିଧି, ଏନଜିଓ, ସ୍ୱୟଂ ସହାୟକ ଗୋଷ୍ଠୀ, ଇକୋ କ୍ଲବ, ଗ୍ରାମ ପଞ୍ଚାୟତ ପକ୍ଷରୁ ଏହାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରାକୃତିକ ପରିବେଶର ସୁରକ୍ଷା ନିମନ୍ତେ ସିଙ୍ଗଲ ଇଉଜ ପ୍ଲାଷ୍ଟିକର ବ୍ୟବହାର କରିବାକୁ ନିଷେଦ ଜାରି କରାଯାଇଛି। ପରିବେଶର ସୁରକ୍ଷା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

# ବର ଓ ଅଶ୍ୱତ୍ଥ ଗଛର ପୂଜନ ଉତ୍ସବ

**ବାରିପଦା, ୨୨।୧୧(ସମିସ):** ସ୍ଥାନୀୟ ଲକ୍ଷ୍ମୀପୋଷିଠାରେ ବର ଓ ଅଶ୍ୱତଥ୍ ଗଛର ମିଳନ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ନିଜର ସ୍ୱାର୍ଥ ସାଧନ ପାଇଁ ପ୍ରକୃତି ଉପରେ ଆଜିର ମଣିଷ ଦାଉ ସାଜିଛି। ସ୍ରଷ୍ଟାଙ୍କ ସୃଷ୍ଟିର ଜୀବଜଗତରେ ଜୀବ ଓ ବୃକ୍ଷାଦିକୁ ନଷ୍ଟ କରି ପରିବେଶ ସନ୍ତୁଳନକୁ ନଷ୍ଟ କରୁଛି। ଶାସ୍ତ୍ର ମତ ଅନୁଯାୟୀ ବଟ ବୃକ୍ଷ ଶିବ ଓ ଅଶ୍ୱତଥ୍ ବୃକ୍ଷରେ ବିଷ୍ଣୁ ବାସ କରିଥାନ୍ତି। ତେଣୁକରି ଚଳିତ କାର୍ତ୍ତିକ ମାସର ପଞ୍ଚୁକ ତିଥିରେ ବାରିପଦାର ଲକ୍ଷ୍ମୀପୋଷିସ୍ଥିତ ମୟୂରଭଞ୍ଜ ସ୍କୁଲ ଓ ଇଞ୍ଜିନିୟରିଂ ପରିସରରେ ସନ୍ଥ ଶରଣାଗତ ଭୂମିପୁତ୍ର ପୂର୍ଣଚନ୍ଦ୍ର ବୁଗୁଡ଼େଇ ଦ୍ୱାରା ବର ଓ ଅଶ୍ୱତଥ୍ ଚାରାରୋପଣ ସହ ଶୁଭମିଳନ ପୂଜନ ସମ୍ପର୍ଣ୍ଣ ହୋଇଛି। ପଣ୍ଡିତ ସୁଦର୍ଶନ ଦ୍ୱିବେଦୀଙ୍କ ଦ୍ୱାରା ଅଶ୍ୱତଥ୍ ବୃକ୍ଷ ସହ ତୁଳସୀ ଓ ବଟବୃକ୍ଷ ସହ ବିଲ୍ୱର ବିବାହ ସହ ଶୁଭ ମିଳନ ପୂଜନ ଶାସ୍ତ୍ରୀୟ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଛି। ଏଥିରେ ଶାନ୍ତିଲତା ବୁଗୁଡ଼େଇ, ଇଂ ଧରମବୀର ବୁଗୁଡ଼େଇ, ସର୍ବେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ।



# କାଳସାଜୁଛି ରାସ୍ତା କଡ଼ର ଶସ୍ତା ହେଲ୍‌ମେଟ୍

**ବାରିପଦା, ୨୨।୧୧(ସମିସ)**

ଜରିମାନାରୁ ବର୍ତ୍ତିବା ପାଇଁ ଅନେକ ବାଇକ୍ ଚାଳକମାନେ ରାସ୍ତା କଡର ଦୋକାନରୁ ଶସ୍ତା ହେଲମେଟ କିଣୁଛନ୍ତି। କିନ୍ତୁ ତାହା ତାଙ୍କ ପାଇଁ କାଳ ସାଜୁଛି। ଜାଲ୍ ଆଇଏସ୍‌ଆଇ ମାର୍କର ଶସ୍ତା ହେଲମେଟ ତାଙ୍କର ପ୍ରାଣଘାତକ ସାଜୁଛି। ବାରିପଦା ସହରର ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ପସରା ମେଲି ହେଲମେଟ ବିକୁଛନ୍ତି। ଯାହାକି ଦେଖିବାକୁ ସୁନ୍ଦର ଲାଗୁଛି, ଏଥି ସହିତ ଆଇଏସଆଇ ମାର୍କା ମଧ୍ୟ ରହିଛି। କିନ୍ତୁ ତାହା ଜାଲ ଅଟେ। ଯାହାକି ଏତେ ଅସୁରକ୍ଷିତ ଅଟେ। ବାଟରେ ଗାଡ଼ିରୁ ପଡ଼ିଲେ ଏହା ମୁଣ୍ଡକୁ ରକ୍ଷା କରିବା ତ ଦୂରର କଥା ଓଲଟା ଏହା ଆହତ କରିବା ସହ ପ୍ରାଣ ଘାତକ ହେବ। ହେଲମେଟ ନପିନ୍ଧି ବାଇକ ଚାଳନା ସମୟରେ ଦୁର୍ଘଟଣା ଘଟି ପ୍ରାଣ ହରାଉଥିବାର ଅନେକ ନଜିର ରହିଛି। ଏହାକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନକୁ କଡାକଡି କରିଛନ୍ତି। ବାଇକ ଚାଳକ ସମେତ ପଛରେ ବସିଥିବା ବ୍ୟକ୍ତି ମଧ୍ୟ ହେଲମେଟ୍ ପିନ୍ଧିବା ପାଇଁ ନିୟମ ବାଧ୍ୟତାମୂଳକ କରାଯାଇଛି। ଏହାକୁ ଅବମାନନା କରୁଥିବା ଲୋକେ ଜରିମାନା ପ୍ରଦାନ କରୁଛନ୍ତି। ବାରିପଦା ସହରର ବଡ଼ବଜାର, ଭଞ୍ଜପୁର, ମୁର୍ଗାବାଡ଼ି,



ପାଲବଣି ଆଦି ଅନେକ ସ୍ଥାନରେ ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ହେଉଛି। ଅନେକ ଚାଳକ ଯାଞ୍ଚ ସମୟରେ ଜରିମାନାରୁ ବର୍ତ୍ତିବା ପାଇଁ ରାସ୍ତା କଡ଼ରେ ବିକ୍ରି ହେଉଥିବା ନକଲି ଶସ୍ତା ହେଲମେଟ୍ କିଣିକି ପିନ୍ଧୁଛନ୍ତି। କମ୍ପାନୀ ହେଲମେଟ ପ୍ରାୟ ୨୦୦୦ ଟଙ୍କା ଥିବାବେଳେ ରାସ୍ତା କଡ଼ର ଉକ୍ତ ହେଲମେଟ ଗୁଡ଼ିକ ମୂଲଚାଲ କରି ୫୦୦ ଟଙ୍କା ମଧ୍ୟରେ ମିଳିଯାଉଛି। ଯେଉଁଥି ପାଇଁ ଚାଳକମାନେ ଉନ୍ନତମାନର ହେଲମେଟ୍ କିଣୁନାହାନ୍ତି। ସେମାନେ ଜାଣିଶୁଣି ଜୀବନ ସହ ଖେଳ ଖେଳୁଛନ୍ତି। ଅନ୍ୟପଟେ ପୁଲିସ ପକ୍ଷରୁ ହେଲମେଟ ଯାଞ୍ଚ ସମୟରେ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ମୋଟର ଯାନ ନିୟମାବଳୀ ଅନୁଯାୟୀ ସମସ୍ତ ଦୁଇଚକିଆ ଯାନର ଉତ୍ପାଦନକାରୀ ଓ ଡିଲରମାନେ ଗାଡ଼ି ବିକ୍ରି ସମୟରେ ବିଆଇଏସ୍ ତଥା ଆଇଏସ୍‌ଆଇ ମାର୍କା ନିର୍ଦ୍ଧାରିତ ମାନର ହେଲମେଟ୍ ଗ୍ରାହକଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ। ଯାହାକି ଗାଡି ସୋ'ରୁମ ମାଲିକ ମାନେ ମଧ ପାଳନ କରୁନାହାନ୍ତି। ଅନ୍ୟପଟେ ବାଇକ ଚାଳକମାନେ ଅଧିକ ଦର ପାଇଁ ବିଆଇଏସ୍

**ଜରିମାନାରୁ ବର୍ତ୍ତିବା ପାଇଁ କିଣୁଛନ୍ତି ନକଲି ହେଲମେଟ**

କିମ୍ବା ଆଇଏସ୍‌ଆଇ ହଲମାର୍କ ଥିବା ହେଲମେଟ କିଣୁନାହାନ୍ତି। କମ ମୂଲ୍ୟରେ ଫୁଟପାଥରେ ମିଳୁଥିବା ନକଲି, କମ୍ ମୂଲ୍ୟର ହେଲମେଟ୍ କିଣୁଛନ୍ତି। ଯେଉଁଥିରେ କି ନକଲି ବିଆଇଏସ୍ ଏବଂ ଆଇଏସ୍‌ଆଇ ହଲମାର୍କ ଲେଖା ରହୁଛି। ଏଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଦୁର୍ଘଟଣା ସମୟରେ ଫାଟିଯାଉଛି। ନିମ୍ନମାନର ହେଲମେଟ୍ ବିକ୍ରି ଏବଂ ବ୍ୟବହାର ନିଷେଧ ହୋଇଥିଲେ ବି କେହି ଏହାକୁ ମାନୁନାହାନ୍ତି। ତେଣୁ ପୁଲିସ ହେଲମେଟ୍ ଯାଞ୍ଚ ସମୟରେ ଏହାକୁ ଗୁରୁତ୍ୱର ସହ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ପୁଲିସ ତାହା ନ କରି ଯେଉଁମାନେ ହେଲମେଟ୍ ପିନ୍ଧୁନାହାନ୍ତି ସେମାନଙ୍କ ଠାରୁ କେବଳ ଜରିମାନା ଆଦାୟ କରି ଛାଡ଼ି ଦେଉଛି।

ନିକଟସ୍ଥ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ସ୍ଥାନରୁ ଜାଲ ଆଇଏସଆଇ ମାର୍କର ଶସ୍ତା ହେଲମେଟ୍ ଆଣି ବାରିପଦା ସହରରେ ରାସ୍ତା କଡରେ ପସରା ମେଲି ବିକ୍ରି କରୁଛନ୍ତି। ସରକାର ଯେଉଁ ଉଦ୍ଦେଶ୍ୟ ରଖି ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରିଥିଲେ ସେ ଉଦ୍ଦେଶ୍ୟ ପୂରଣ ହେଉନାହିଁ। ପୁଲିସ ନଜରରୁ ବଞ୍ଚିବା ପାଇଁ କମ୍ ମୂଲ୍ୟରେ ମିଳୁଥିବା ଉକ୍ତ ହଲମାର୍କ ବିନା ହେଲମେଟ କିଣୁଛନ୍ତି। ସହରର ରାସ୍ତା କଡ଼ରେ ଏହି ନକଲି ହେଲମେଟ୍ ଛାଇଯାଇଥିବା ବେଳେ ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

**୨ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ**

**ବାରିପଦା, ୨୨।୧୧(ସମିସ)**

ବାରିପଦାସ୍ଥିତ ଲାୟନ୍ସ କ୍ଲବର ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଛି। ଜିଲ୍ଲା ମୁଖ୍ୟ ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ ସଭାପତିତ୍ୱ କରି ଦିବସର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ମୁଖ୍ୟବକ୍ତା ଭାବେ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତରୁଣ କୁମାର ଛୋଟରାୟ ଓ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା କଳ୍ପତରୁ ସ୍ୱାଇଁ ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର




କାଲୋ ଯୋଗ ଦେଇଥିଲେ। ଜଳସମ୍ପଦ ଉତ୍ସ ଗୁଡିକର ସୁରକ୍ଷା ସହିତ ମତ୍ସ ସମ୍ପଦର ଅଭିବୃଦ୍ଧି ହିଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତବ୍ୟ ମାଧ୍ୟମରେ ସମସ୍ତେ ପ୍ରକାଶ କରିଥିଲେ। ଚାଷୀଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ମାଛଚାଷ ସହିତ ଆନୁଷଙ୍ଗିକ ଚାଷ ଗୁଡିକ ସମ୍ପର୍କରେ ସେମାନେ ସୂଚନା ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଚାଷୀମାନେ ଉପସ୍ଥିତ ରହି ମାଛ ଚାଷ ସମ୍ପର୍କରେ ଅଧିକ ସୂଚନା ଲାଭ କରିଥିଲେ। ଏହି ଅବସରରେ ମତ୍ସ୍ୟ ବିଭାଗର ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ୨ଜଣ ଅଗ୍ରଣୀ ଚାଷୀ ଓ ଗୋଟିଏ ମହିଳା ସ୍ୱୟଂସହାୟିକା ଗ୍ରୁପଙ୍କୁ ପୁରସ୍କୃତ କରାଯାଇଛି।

ବାଙ୍ଗିରିପୋଷି ବ୍ଲକର ମୋ ପୋଖରୀ ଯୋଜନାର ସଫଳ ମାଛଚାଷୀ ଅର୍ନ୍ତଯ୍ୟାମୀ ମହାପାତ୍ର ଓ ଶୁକୁଳି ବ୍ଲକର ଜୈବ ପୁଞ୍ଜ(ବାଇଓ ଫ୍ଲଗ) ଚାଷୀ ତାପସ କୁମାର ତିରିଆଙ୍କୁ ଶ୍ରେଷ୍ଠ ଚାଷୀଭାବେ ସମ୍ମାନିତ କରାଯାଇଛି। ସେହିପରି ପୋଖରୀରେ ମାଛ ଚାଷ କରୁଥିବା ଏସଏସଜି ଗ୍ରୁପ ବେତନଟୀ ବ୍ଲକର କାଳୀ ମା' ଗୋଷ୍ଠୀକୁ ପୁରସ୍କୃତ କରାଯାଇଛି। ସମସ୍ତ ମତ୍ସ୍ୟ ଅଧିକାରୀ, କନିଷ୍ଠ ବୈଷୟିକ ସହାୟକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଜନଜାତି ଜୀବିକା ମିଶନ ଦ୍ୱାରା ଚାଷୀ ଉପକୃତ

**ବାରିପଦା, ୨୨।୧୧(ସମିସ):** ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମ ସହାୟତାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ବୁଧବାର କୃଷିଭିତ୍ତିକ ସହାୟତା ଶିବିର ଅନୁଷ୍ଠିତ ହୋଇଛି। ବାରିପଦା ପଞ୍ଚାୟତ ସମିତି ବୁଢୀଖମାରି ଗ୍ରାମର ୧୦୦ଜଣ ଆଦିବାସୀ ହିତାଧିକାରୀଙ୍କ ପାଇଁ ରବି ଋତୁରେ ଚାଷ କରିବା ନିମନ୍ତେ ବିଭିନ୍ନ ପ୍ରକାରର କୃଷିଭିତ୍ତିକ ସହାୟତା ପାଇଁ ଏକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଆଇଟିଡିଏର ଅଧିକାରୀମାନେ ଚାଷୀମାନଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା। ଏହା ସହିତ ଉନ୍ନତ ମାନର ୩୫ କେଜିର ବାଦାମ ମଞ୍ଜି ମଧ୍ୟ ବଣ୍ଟନ କରାଯାଇଥିଲା। ଉକ୍ତ ଚାଷ ନିମନ୍ତେ ଆବଶ୍ୟକ ଜୈବିକ ସାର ୨୫କେଜି ହିସାବରେ ଓ ଜୈବିକ କୀଟନାଶକ ଔଷଧ ଯଥା- ନିମ ପିଡିଆ ଓ ନିମ ତେଲ ବଣ୍ଟନ କରାଯାଇଥିଲା।

# ସ୍ତ୍ରୀକୁ କଟୁରିରେ ହାଣି ହତ୍ୟାକଲା ସ୍ୱାମୀ

**ବାରିପଦା/ରାସଗୋବିନ୍ଦପୁର, ୨୨।୧୧(ସମିସ):** ନିଜ ସ୍ତ୍ରୀକୁ ଏକ କଟୁରିରେ ହାଣି ସ୍ୱାମୀ ହତ୍ୟା କରିଛି। ଏହିଭଳି ଅଭାବନୀୟ ଘଟଣା ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ଗ୍ରାମରେ ଘଟିଯାଇଛି। ଉକ୍ତ ଗ୍ରାମର ଜିତୁ ଟୁଡୁ ଓ ତାଙ୍କ ସ୍ତ୍ରୀ ପାର୍ବତୀ ଟୁଡୁଙ୍କର କୌଣସି କାରଣ ବଶତଃ ଝଗଡ଼ା ହୋଇଥିଲା। ଝଗଡ଼ା ଏତେ ଭୟଙ୍କର ରୂପ ନେଲାଯେ, ଜିତୁ ଉତ୍‌କ୍ଷିପ୍ତ ହୋଇ ଏକ କଟୁରୀରେ ପାର୍ବତୀଙ୍କ ବେକକୁ ହାଣିଦେଇଥିଲା। ଫଳରେ ପାର୍ବତୀଙ୍କ ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ଜିତୁ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ତାଙ୍କୁ ଏକ ଗଛରେ ବାନ୍ଧି ରଖି ରାସଗୋବିନ୍ଦପୁର ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରି ଜିତୁ ଗିରଫକରି କୋର୍ଟଚାଲାଣ କରି ତଦନ୍ତ ଜାରିରଖିଛି। ଏନେଇ ରାସଗୋବିନ୍ଦପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଘଟଣାର ପୁଲିସ ତଦନ୍ତ ଜାରି ରଖିଛନ୍ତି। ପାର୍ବତୀଙ୍କ ୪ବର୍ଷ ଓ ୭ବର୍ଷର ଦୁଇ ପୁଅ ଥିବାବେଳେ ବର୍ତ୍ତମାନ ସେମାନେ ଅସହାୟ ହୋଇ ପଡ଼ିଛନ୍ତି।

# ଶ୍ରୀବଡ଼ଦାଙ୍କ ୧୧୩ତମ ଜନ୍ମ ଉତ୍ସବ

**ବାରିପଦା, ୨୨।୧୧(ସମିସ)**

ଅନୁକୂଳଚନ୍ଦ୍ରଙ୍କ ସ୍ଥାନୀୟ ଚିପଟ ଅସ୍ତିଆସ୍ଥିତ ସତ୍‌ସଙ୍ଗ ବିହାରରେ ଯୁଗାଚାର୍ଯ୍ୟ ବଡ଼ଦାଙ୍କ ୧୧୩ତମ ଜନ୍ମ ଉତ୍ସବ ବରିଷ୍ଠ କର୍ମୀ ସହ ପ୍ରତି ଋତ୍ୱିକ ବେଣୁଧର ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ସତ୍‌ସଙ୍ଗର ସହ ପ୍ରତି ଋତ୍ୱିକ ତଥା ଭୋଗରାଇ ମହାବିଦ୍ୟାଳୟର ଇଂରାଜୀ ବିଭାଗ ପ୍ରାଧ୍ୟାପକ ଡ. ବିଜୟ କେତନ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ମାନବ ସଭ୍ୟତା ପାଇଁ ତଥା ବିଶ୍ୱ ଜୀବନ ପାଇଁ ସର୍ବଶ୍ରେଷ୍ଠ ଅବଦାନ ଆଚାର୍ଯ୍ୟ ପରମ୍ପରା ବୋଲି କହିବା ସହିତ ଯୁଗାଚାର୍ଯ୍ୟ ବଡ଼ଦାଙ୍କ ଦିବ୍ୟ ଜୀବନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହା ସହିତ ବର୍ତ୍ତମାନର ନୈତିକ ଅଧପତିର ସମାଜକୁ ସତ୍‌ସଙ୍ଗ ଭାବଧାରା ସୁରକ୍ଷା ଦେଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଋତ୍ୱିକ ରବୀନ୍ଦ୍ର ନାଥ ପାତ୍ର ପ୍ରାରମ୍ଭିକ ଅଭିଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଋତ୍ୱିକ ମୁକ୍ତିକାନ୍ତ ନାୟକ, ଗୁରୁଭ୍ରାତା ମୋହନ ବେହେରା, ସୁବାସ୍ ଚନ୍ଦ୍ର ପାଲ୍ ଭଜନ ପରିବେଷଣ କଲାବେଳେ ଗୁରୁଭ୍ରାତା ଜତିନ୍ ଦାସ ଓ ସୁହାସ ଚନ୍ଦ୍ର ସାହୁ କୋରସ୍ ପରିବେଷଣ କରିଥିଲେ। ସହ ପ୍ରତି ଋତ୍ୱିକ୍ ବିଜ୍ଞାନ ଭୂଷଣ



ମହାପାତ୍ର ଓ ସାଥୀମାନେ ଉଦଣ୍ଡ କୀର୍ତ୍ତନ କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ବିଚିତ୍ର ନାଥ ସାହୁ ଠାକୁରଙ୍କ ଶ୍ରୀହସ୍ତ ଲିଖିତ 'ସତ୍ୟାନୁସରଣ' ଗ୍ରନ୍ଥ ଓ ଅଧ୍ୟର୍ଯ୍ୟ ମହେନ୍ଦ୍ର ସାହୁ 'ନାରୀରନୀତି' ଗ୍ରନ୍ଥ ପାଠ କରିଥିଲେ।

ଏହି ଉତ୍ସବ ଅବସରରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ଶାନ୍ତିଲତା ପାତ୍ର ପୌରୋହିତ୍ୟ କରିଥିବା ବେଳେ ପ୍ରଭାତୀ ସାହୁ ବକ୍ତବ୍ୟ ରଖିଥିଲେ। ଅଦିତା ସାହୁ, କଳ୍ପନା ଦେ, ଧୃତି ପାଲି ହାବୋଡା, ସୁପ୍ରିୟା ମହାରଣା, ଦେବୀସ୍ମିତା ମହାନ୍ତ, ଝରଣା ଜେନା ଭଜନ ପରିବେଷଣ କରିଥିଲେ। ଉତ୍ସବରେ ପନ୍ଦର ଶହରୁ ଊର୍ଦ୍ଧ୍ୱ ସତ୍‌ସଙ୍ଗୀ ଓ ସତ୍‌ସଙ୍ଗ ଅନୁରାଗୀ ଭକ୍ତ ଯୋଗଦାନ କରି ପ୍ରସାଦ ସେବନ କରିଥିଲେ। ଏହି ଉତ୍ସବକୁ ଶଙ୍କର୍ଷଣ ସାହୁ, ଶଶଧର କୁଇଲା, ଗୋକୁଳ ଚନ୍ଦ୍ର ସାହୁ, ବାରିପଦାର ବହୁ କର୍ମୀ ସହିତ ସତ୍‌ସଙ୍ଗ ଉପଯୋଜନା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମା' ଅମ୍ବିକା ଓ ରାଧାମୋହନ ମନ୍ଦିରର ହେବ ସୌନ୍ଦର୍ଯ୍ୟକରଣ

**ବାରିପଦା, ୨୨।୧୧(ସମିସ)**

ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ମନ୍ଦିର ଓ ରାଧାମୋହନ(ମାଉସୀ ମା') ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ

**ସରକାରଙ୍କ ପକ୍ଷରୁ ମିଳିଲା ଅନୁଦାନ**





ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟ ୧୨ତାରିଖ ଦିନ ତତ୍କାଳୀନ ୫-ଟି ସଚିବ ତଥା ବର୍ତ୍ତମାନ ଅଧ୍ୟକ୍ଷ ଭିକେ ପାଣ୍ଡିଆନ ମୟୂରଭଞ୍ଜ ଗସ୍ତ ଅବସରରେ ବାରିପଦାଠାରେ ବାରିପଦା ପୌରପାଳିକା ଓ ଜନସାଧାରଣଙ୍କ ତରଫରୁ ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ମନ୍ଦିର ଓ ରାଧାମୋହନ ମନ୍ଦିରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଅନୁରୋଧ କରାଯାଇଥିଲା। ବାରିପଦାବାସୀଙ୍କ ଉଦ୍‌ବେଗକୁ ସମ୍ମାନ ଜଣାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମା' ଅମ୍ବିକାଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ନିମନ୍ତେ ୫୦ ଲକ୍ଷ ଟଙ୍କା ଏବଂ ରାଧାମୋହନ ମନ୍ଦିରର ମରାମତି ଓ ପୁନଃରୁଦ୍ଧାର ନିମନ୍ତେ ୨୫ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏ ସମ୍ପର୍କରେ ବାରିପଦା ନଗରପାଳଙ୍କୁ ଅବଗତ କରିବା ପରେ ସମଗ୍ର ବାରିପଦା ସହରରେ ଖୁସିର ବାତାବରଣ ଖେଳିଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହିତ ସେମାନଙ୍କର ଭାବନାକୁ ସମ୍ମାନ ଜଣାଇଥିବାରୁ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଜ୍ୟସରକାରଙ୍କ ଯୋଜନା ଓ ସମନ୍ୱୟ ବିକାଶ ଚିଠି ଅନୁସାରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଅଛି। ମା' ଅମ୍ବିକା ପୀଠ ଏବଂ ରାଧାମୋହନ ମନ୍ଦିରର ଉନ୍ନତି କଳ୍ପେ ଅର୍ଥ ମଞ୍ଜୁର କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ ପାଣ୍ଡିଆନ, ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ, ରାଜ୍ୟ ବିଜୁ ଜନତା ଦଳ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ବାରିପଦାବାସୀଙ୍କ ତରଫରୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ-ନଗରପାଳ ସୀମା ଦାସ ଏବଂ ସମସ୍ତ କାଉନସିଲରଗଣ କୃତଜ୍ଞତା ଜ୍ଞାପନ ଜଣାଇଛନ୍ତି।

# ଜଗଦ୍ଧାତ୍ରୀ ମେଳା ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା

**ବାରିପଦା, ୨୨।୧୧(ସମିସ):** ସ୍ଥାନୀୟ ଭଞ୍ଜପୁରସ୍ଥିତ କୁମାର୍ସ କ୍ଲବ୍ ପରିସରରେ ଜଗଦ୍ଧାତ୍ରୀ ପୂଜା ଓ ମେଳା ଅବସରରେ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩ୟ ରୁ ୫ମ ଶ୍ରେଣୀର ୨୫୦, ୬ଷ୍ଠ ରୁ ୧୦ମ ଶ୍ରେଣୀର ୧୭୦ ଓ ମହାବିଦ୍ୟାଳୟର ୩୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମଥର ପାଇଁ ଏତେ ସଂଖ୍ୟକ ପ୍ରତିଯୋଗୀ ଅତି ଆଗ୍ରହର ସହ ଅଂଶଗ୍ରହଣ କରିଛନ୍ତି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି। ଆଲୋକ ବାରିକ, ପ୍ରଭାଶିଷ ବାରିକ, ସନୁ ରଣା ପରିଚାଳନାରେ ସହାୟତା କରିଥିଲେ। ରବୀନ ମହାପାତ୍ର ଓ ମହେଶ୍ୱର ମାର୍ଣ୍ଡି ବିଚାରକ ଭାବେ ଯୋଗ ଦେଇଥିଲେ। ୨୩ ତାରିଖ ଦିନ ୪ର୍ଥ ରୁ ୭ମ ଏବଂ ୬ଷ୍ଠ ରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ତଥା ୮ମ ରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ୟତମ ସାଂସ୍କୃତିକ ସମ୍ପାଦକ ପ୍ରୀତମ ପଣ୍ଡା ଜଣାଇଛନ୍ତି।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ବାରିପଦା, ୨୨।୧୧(ସମିସ):** ଶାମାଖୁଣ୍ଟା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ବନଦୁର୍ଗା ଉଚ୍ଚବିଦ୍ୟାଳୟ, ଇଟାମୁଣ୍ଡିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଇଓ ଜଗବନ୍ଧୁ ନାୟକ ସଭାପତିତ୍ୱ କରିଥିବାବେଳେ ବିଡିଓ ମଳୟ ନାୟକ ମୁଖ୍ୟଅତିଥି, ପ୍ରଫେସର ଡ. ସରୋଜ ନାୟକ ମୁଖ୍ୟବକ୍ତା, ଏବିଇଓ ରୁହ୍ୟା ସିଂ ଓ ସୁବାସ ଚନ୍ଦ୍ର ମହାନ୍ତ, ପରିଚଳନା କମିଟି ସଭାପତି ପ୍ରଦୀପ ବେହେରା, ସରପଞ୍ଚ ପଞ୍ଚୁ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗିରଥୀ ଲେଙ୍କା ବିବରଣୀ ପାଠ କରିଥିବା ବେଳେ ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଯାପନୀ ସମାରହରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ମୁଖ୍ୟଅତିଥି, ଅବସରପ୍ରାପ୍ତ ବିଇଓ ସୁଦର୍ଶନ ପଣ୍ଡା ମୁଖ୍ୟବକ୍ତା, ପ୍ରଧାନଶିକ୍ଷକ ନଳୀନ ଚୌଧୁରୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ଶିକ୍ଷକ ଦୀପକ ରାମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସପନେଶ୍ୱର ଦାସବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଆଶିଷ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ ଓ ସମସ୍ତ ସିଆରସିସି ପରିଚାଳନାରେ ସହଯୋଗ ଓ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ସରିବାକୁ ବସିଲାଣି ନଭେମ୍ବର, ଶୀତ ଗାଏବ୍

**କେନ୍ଦୁଝର, ୨୨।୧୧(ସମିସ):**

ଚଳିତ ବର୍ଷ ନଭେମ୍ବର ସରି ଡିସେମ୍ବର ମାସ ଛୁଇଁବାକୁ ବସିଲାଣି କିନ୍ତୁ କେନ୍ଦୁଝରରେ ଶୀତର ଦେଖାନାହିଁ। ଯାହାକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକଟ କରୁଥିବାବେଳେ ପରିବେଶ ଅସନ୍ତୁଳନ ଏହାର ମୁଖ୍ୟ କାରଣ ବୋଲି ପୁରୁଖା ଲୋକମାନେ କହୁଛନ୍ତି। କେନ୍ଦୁଝର ଜିଲ୍ଲା ଆଗରୁ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଧିରେଧିରେ ବଣଜଙ୍ଗଲ ଘଞ୍ଚତା କମିବାକୁ ବସିଥିବା ବେଳେ ଜିଲ୍ଲାର ଖଣି ଉତ୍ତୋଳନ ଏବଂ ପ୍ରଗତି କାର୍ଯ୍ୟ ପାଇଁ ଜଙ୍ଗଲ ନଷ୍ଟ ପରିବେଶ ଅସନ୍ତୁଳନର ପ୍ରମୁଖ କାରଣ ସାଜିଛି। ଯଦିଓ ବିଳମ୍ବରେ ଶୀତ ଆସିବାର ସମ୍ଭାବନା ରହିଛି ତଥାପି ଆଗ ଭଳି ଆଉ ଶୀତ ହେଉନାହିଁ ବୋଲି ପୁରୁଣା ଲୋକମାନେ କହୁଛନ୍ତି। ପୂର୍ବରୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଶୀତ ହେଉଥିଲା। ଶୀତଦିନେ ଜିଲ୍ଲା ବାହାରର ଲୋକ କେନ୍ଦୁଝରରେ ରାତିରେ ରହିବାକୁ ଅମଙ୍ଗ ହେଉଥିଲେ। ସନ୍ଧ୍ୟା ହେବା କ୍ଷଣି ଦୋକାନବଜାର ବନ୍ଦ କରିବାକୁ ପଡୁଥିଲା। ପାହାଡିଆ ଅଞ୍ଚଳର କଥା ନ କହିବା ଭଲ। ଶୀତଦିନେ ପାହାଡି ମଣିଷମାନେ ଲୁଗାପଟାରେ ଶୀତର ପ୍ରକୋପରୁ ବର୍ତ୍ତି ପାରୁ ନ ଥିଲେ। ତେଣୁ ସେମାନେ ରାତିସାରା ନିଆଁପୋଇଁ କାଳାତିପାତ କରୁଥିଲେ। ଜିଲ୍ଲାର କାଞ୍ଜିପାଣି ଘାଟି ସମେତ ବିଭିନ୍ନ ସ୍ଥାନରେ ତୁଷାରପାତ ହେଉଥିଲା। ଦୂର୍ଗାପୂଜା ପରେପରେ ଜିଲ୍ଲାରେ ଶୀତର ପ୍ରକୋପ ବଢୁଥିଲା। ଏପରିକି କେତେକ ସ୍ଥାନରେ ରାତ୍ରି ସମୟରେ ଲୋକମାନେ ବାଧ ହୋଇ ଫ୍ୟାନ ବ୍ୟବହାର କରୁଥିବା ସୂଚନା ମିଳୁଛି। କାହିଁକି ଏବର୍ଷ ଶୀତ ଆସିବାରେ

**ସର୍ବନିମ୍ନ ତାପମାତ୍ରା ୧୬ଡିଗ୍ରୀ ଉପରେ**

ବିଳମ୍ବ ହେଉଛି ତାର ସଠିକ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଧିରେଧିରେ ପରିବେଶ ଖରାପ ହେଉଥିବାରୁ ଏଭଳି ହେଉଥିବା କଥାକୁ ଲୋକେ ମାନି ନେଉଛନ୍ତି। ଏବର୍ଷ ଦଶହରା ବେଳକୁ ଦିନେ ଦୁଇଦିନ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଛୁଇଁଥିଲା। ଫଳରେ ସେଇ ସମୟରେ କିଛିଦିନ ଥଣ୍ଡା ଅନୁଭୂତ ହୋଇଥିଲା। ତାପରେ ବର୍ତ୍ତମାନ ପର୍ଯ୍ୟନ୍ତ ଥଣ୍ଡାର ଦେଖାନାହିଁ। ଏପରିକି କେନ୍ଦ୍ରୀୟ ପାଣିପାଗ ବିଭାଗ କରିଥିବା ରେକର୍ଡ ମୁତାବକ ନଭେମ୍ବର ୨୨ ତାରିଖର ସର୍ବନିମ୍ନ ତାପମାତ୍ରା ୧୬.୮ ଡିଗ୍ରୀ ସେଲସିୟସ ରହିଛି। କେବଳ ସେତିକି ନୁହେଁ ଗତ ସପ୍ତାହର ସର୍ବନିମ୍ନ ତାପାମାତ୍ରା ଥିଲା ୧୬.୨ ଡିଗ୍ରୀ ସେଲସିୟସ (୧୬ ତାରିଖ)। ଏଥିରୁ ସହଜରେ ଅନୁମେୟ କେନ୍ଦୁଝରରେ ଶୀତର ପ୍ରକୋପ କେତେ। ପାଣିପାଗ ବିଭାଗର ସୂଚନା ଅନୁସାରେ ନଭେମ୍ବର ୧୭ ତାରିଖରେ ୧୯.୯ ଡିଗ୍ରୀ ସେଲସିୟସ, ୧୮ ତାରିଖରେ ୧୯.୧ ଡିଗ୍ରୀ, ୧୯ ତାରିଖରେ ୧୯.୮ ଡିଗ୍ରୀ, ୨୦ ତାରିଖରେ ୧୬.୯ ଡିଗ୍ରୀ, ୨୧ ତାରିଖରେ ୧୭.୧ ଡିଗ୍ରୀ ଏବଂ ୨୨ ତାରିଖରେ ସର୍ବନିମ୍ନ ତାପମାତ୍ରା ୧୬.୮ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ବିଳମ୍ବିତ ରାତ୍ରିରେ ସାମାନ୍ୟ ଶୀତ ଅନୁଭୂତ ହେଉଛି। କିନ୍ତୁ ସନ୍ଧ୍ୟାବେଳେ ହେଉ କିମ୍ବା ଭୋର ସକାଳୁ ଶୀତର ପ୍ରକୋପ ଆଦୌ ନ ଥିଲା ଭଳି ହେଉଛି। ଶୀତ ନ ଥିବାରୁ ପୂର୍ବବର୍ଷ ମାନଙ୍କ ଭଳି ଜିଲ୍ଲାକୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ସଂଖ୍ୟା କମ ରହିଛି। ପର୍ଯ୍ୟଟନ ଶିଳ୍ପ ସହିତ ଜଡିତ ଲୋକେ ଶୀତକୁ ଅନାଇ ବସିଥିବା ବେଳେ ଏଥର ଶୀତ ଋତୁରେ ଖୁବ କମ ଦିନ କେନ୍ଦୁଝରବାସୀ ଶୀତର ଆନନ୍ଦ ନେଇପାରିବେ ବୋଲି ଅନୁମାନ କରାଯାଉଛି।

## ଅଜଣା ବାଇକ୍ ଧକ୍କାରେ ସ୍କୁଟି ଆରୋହୀ ଗୁରୁତର

**ତୁରୁମୁଙ୍ଗା, ୨୨।୧୧(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ହାତିବାରୀ ନିକଟରେ ବୁଧବାର ସକାଳୁ ଏକ ବୁଲେଟ୍ ଧକ୍କାରେ ଜଣେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ତୁରୁମୁଙ୍ଗା ଗ୍ରାମର ବିନୋଦ କୁମାର ସାହୁ (୩୫)। ସୂଚନା ଅନୁସାରେ ବିନୋଦ ସ୍କୁଟି ଯୋଗେ ରାଜପଥ ଅତିକ୍ରମ କରୁଥିବା ସମୟରେ ଏକ ବୁଲେଟ ତାଙ୍କୁ ଧକ୍କା ଦେବା ଫଳରେ ସେ ରାଜପଥ ଉପରେ ପଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଏନଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ବୁଲେଟ ଚାଳକ ଫେରାର ହୋଇଯାଇଛି। ତୁରୁମୁଙ୍ଗା ପୁଲିସ ଘଟଣାର ତଦନ୍ତ କରୁଛି।

## ରିମୁଳି କଲେଜ ପକ୍ଷରୁ ପରିମଳ ସଚେତନତା



**ନାରଦପୁର, ୨୨।୧୧(ସମିସ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ସମ୍ମନ୍ୱିତ ଯୁବ ବିକାଶ ପକ୍ଷରୁ ଗାଁ ପରିମଳ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ କର୍ଣ୍ଣେଶ୍ୱର ବୈଦ୍ୟ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ପ୍ରତାପଶି ଓ ରିମୁଳି ଗାଁରେ ପରିକ୍ରମା କରି ପରିମଳ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏଥିରେ ଅଧ୍ୟାପକ ମଞ୍ଜିତ ଲୁଗୁନ, ନିର୍ମଳ କୁମାର ସେଠୀ, ସୁନିଲ କୁମାର ତୁରକ୍, କ୍ରୀଡାଶିକ୍ଷକ ସ୍ୱପ୍ନ ସାଗର ସାହୁ, ଅଧ୍ୟାପିକା ସାଗରିକା ନାଏକ, ରୋଜାଲିନ ପ୍ରୀୟଦର୍ଶିନୀ ସିଂ, ଅନିତା ଜଙ୍କ ପ୍ରମୁଖ ଉପସ୍ଥିତ ରହି ସଚେତନତା କରିଥିଲେ।

## ବିଜେପି ସଭାପତିଙ୍କ ବାଇକ୍ ଧକ୍କାରେ ଛାତ୍ରୀ ଗୁରୁତର



**ତେଲକୋଇ, ୨୨।୧୧(ସମିସ):** ତେଲକୋଇ ବ୍ଲକ ବିଜେପି ମଣ୍ଡଳ ସଭାପତିଙ୍କ ବାଇକ୍ ଧକ୍କାରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଛାତ୍ରୀ ହେଲେ ସ୍ଥାନୀୟ ତ୍ରିଲୋଚନ ପେଣ୍ଟେଇଙ୍କ ଝିଅ ଦୀପିକା ପେଣ୍ଟେଇ(୮)। ତାଙ୍କ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ତେବେ ସୂଚନା ମୁତାବକ ଆଜି ଅପରାହ୍ନରେ ବିଦ୍ୟାଳୟ ଛୁଟି ହେବାପରେ ଦୀପିକା ବହି ବସ୍ତାନି ଧରି ଘରକୁ ଯାଉଥିଲେ। ଅନ୍ୟପଟେ ତେଲକୋଇ ବିଜେପି ମଣ୍ଡଳ ସଭାପତି ସତ୍ୟ ନାରାୟଣ ସାହୁ ବାଇକ୍ ଯୋଗେ ଯାଉଥିବା ବେଳେ ବିଜୁ ପଟ୍ଟନାୟକ ଛକ ନିକଟରେ ତାଙ୍କୁ ଧକ୍କା ଦେଇଥିଲେ। ଆହତ ଛାତ୍ରୀଙ୍କୁ ପ୍ରଥମେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାରେ ଛାତ୍ରୀଙ୍କ ବାମ ଗୋଡ଼ ଭାଙ୍ଗି ଯାଇଛି। ଏହି ଘଟଣା ପରେ ସ୍ଥାନୀୟ ବିଜେପି କର୍ମକର୍ତ୍ତା ଓ ବିଜେପି ନେତା ଡାକ୍ତର ଫକିର ମୋହନ ନାୟକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହିତ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କାନପୁରରେ ଲକ୍ଷ୍ମୀନାରାୟଣ ପୂଜା ଧୂମ୍‌ଧାମ୍‌ରେ ପାଳିତ

**ବେଲବାହାଲ, ୨୨।୧୧(ସମିସ):** ଘଷିପୁରା ବ୍ଲକ ମଦନପୁର ପଞ୍ଚାୟତ କାନପୁର ଗ୍ରାମରେ ଲକ୍ଷ୍ମୀନାରାୟଣ ପୂଜା ମହାସମାରୋହରେ ପାଳିତ ହୋଇଛି। ନିକଟସ୍ଥ କୁଶେଇ ନଦୀରୁ କଳସ ବୁଡାଯାଇ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜକ ପ୍ରଦ୍ୟୁମ୍ନ ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ କମିଟି ସଭାପତି ରମେଶ ଚକ୍ର ଓ ତାଙ୍କ ଧର୍ମ ପତ୍ନୀ ସୁଯୋଗ୍ନକ୍ଷ ଚକ୍ର ସଂକଳ୍ପରେ ବସିଥିଲେ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। କମିଟି ସଦସ୍ୟ ରମେଶ ଚକ୍ର, ପ୍ରକାଶ ଜେନା, ଭାବେନ୍ ଜେନା, ବଦ୍ରି ଜେନା, ସୁକାନ୍ତ ଜେନା, ଭାଲୁ ଜେନା, କୁଲୁ ଜେନା, ପ୍ରଶାନ୍ତ ଜେନା, ଅଭିଜିତ ଜେନା, ବିବେକା ଜେନା, ଶିଲୁ ଜେନା, ଲକି ଜେନା, ପିଙ୍କୁନ ଜେନା, ଦିଲ୍ଲୀପ ଜେନା, ସୁଶୀଲ ଜେନା, ସୁଜିତ୍ ଜେନା, ରୁଦ୍ର ଜେନା, ଚକ୍ରଧର ଜେନା, ଅସିତ୍ ଜେନା, ରଞ୍ଜିତ ଜେନା, ଆଶିଷ ଚକ୍ର, ଅଭିମନ୍ୟୁ ଚକ୍ର, ମନମୋହନ ଚକ୍ର, ଦୀପକ ଚକ୍ର, ସଦାଶିବ ପୁହାଣ, ବିମନ୍ ବେହେରା, ସନ୍ତୋଷ ସାହୁ, ପୁରନ୍ଦର ସାହୁ, ବାବୁଲା ଗାହାଣ, ଟୁକୁନ ପଲେଇ ପ୍ରମୁଖ ସହଯୋଗ କରୁଛନ୍ତି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ



**ତୁରୁମୁଙ୍ଗା, ୨୨।୧୧(ସମିସ):** କେନ୍ଦୁଝର ଜିଲ୍ଲା ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସୁଧାଂଶୁ ଶେଖର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱତ୍ଥମା ଗିରି ଜଗନ୍ନାଥଙ୍କ ନିକଟରେ ଧୂପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା, କବିତା ଆବୃତ୍ତି, କାର୍ଟୁନ୍ ଚିତ୍ର, ଚିତ୍ରାଙ୍କନ ଓ ସୃଜନଶୀଳ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ଓଡ଼ିଆ ପ୍ରାଧ୍ୟାପକ ମହେଶ କୁମାର ଚାଟାର୍ଜୀ, ଇଂରାଜୀ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର, ସଂସ୍କୃତ ଅଧ୍ୟାପିକା ଶ୍ୱେତାସୁମନ ମିଶ୍ର, ଅର୍ଥନୀତି ଅଧ୍ୟାପିକା ଅପର୍ଣ୍ଣା ବେହେରା, ଇତିହାସ ଅଧ୍ୟାପିକା ପ୍ରମିଳା ମହାନ୍ତ, ଅର୍ଥନୀତି ଅଧ୍ୟାପିକା ସୋନାଲିକା ବାରିକ୍, ରାଜନୀତି ବିଜ୍ଞାନ ଅଧ୍ୟାପିକା ସସ୍ମିତା ତରାଇ, ପ୍ରାଣୀବିଜ୍ଞାନ ଅଧ୍ୟାପକ ସତ୍ୟପ୍ରକାଶ ମହାନ୍ତ ଯୋଗ ଦେଇ କୃତୀ ପ୍ରତିଭାମାନଙ୍କୁ ଚୟନ କରିଥିଲେ। ବୁଧବାର ଛାତ୍ରଛାତ୍ରୀଙ୍କ ସୁସ୍ଥ ଜୀବନ ଶୈଳୀ ପାଇଁ ତୁରୁମୁଙ୍ଗା ଡାକ୍ତରଖାନାର ଯୋଗ ପ୍ରଶିକ୍ଷକ ଅଖିଳାନନ୍ଦ ମହାନ୍ତ ଯୋଗ ଅଭ୍ୟାସ କରାଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ସେବକ ଚନ୍ଦ୍ର ସାହୁ, ଖେଳ ଶିକ୍ଷକ ସୁଶିଲ କୁମାର ପ୍ରଧାନ, ଡେମୋନ୍‌ଷ୍ଟ୍ରେଟର ରମେଶଚନ୍ଦ୍ର ସାହୁ, ରାଜେନ୍ଦ୍ର କୁମାର ମହାନ୍ତ, କମ୍ପ୍ୟୁଟର ଶିକ୍ଷକ ପଦ୍ମଲୋଚନ ସାହୁ, ଜଗଦୀଶ ସାହୁ, ମଦନ ମୋହନ ସାହୁ, ସପନ କୁମାର ହାଂସଦା, ଭଗବାନ ମହାନ୍ତ ଓ ହରେକୃଷ୍ଣ ମହାନ୍ତ ସହଯୋଗ କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।



## ନିଶା ଦେଇ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା

## ୨୦ ଦିନ ପରେ ଗିରଫ ହେଲେ ଦୁଇ ଅଭିଯୁକ୍ତ

**ବଡ଼ବିଲ, ୨୨।୧୧(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ପୁରୁଣା ପୌର କାର୍ଯ୍ୟାଳୟ ନିକଟରେ ରହୁଥିବା ଜଣେ ବିଧବା ମହିଳାଙ୍କୁ ଗତ ଦୁଇ ତାରିଖ ରାତିରେ ହୋଇଥିବା ଗଣ ଦୁଷ୍କର୍ମ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଥଣ୍ଡା ପାନୀୟରେ ନିଶା ଦେଇ ଉକ୍ତ ପୀଡ଼ିତାଙ୍କୁ ବେଲକୁଣ୍ଡି ଖେଳପଡ଼ିଆ ନିକଟରେ ଥିବା ଜଙ୍ଗଲଆ ସ୍ଥାନକୁ ନେଇ ଦୁଷ୍କର୍ମ କରି ସେଠାରେ ଛାଡି ଚାଲି ଯାଇଥିଲେ। ବଡ଼ବିଲ ପୁଲିସ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଘଟଣାସ୍ଥଳରୁ ବିବସ୍ତ୍ର ଅବସ୍ଥାରେ ପୀଡିତାଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ମହିଳାଙ୍କ ଲିଖିତ ଅଭିଯୋଗ କ୍ରମେ ବଡ଼ବିଲ ଥାନାରେ ଗତ ତିନି ତାରିଖରେ ଏକ ମାମଲା ରୁଜୁ କରି ତଦନ୍ତ କରି ଗତ ୨୧ ତାରିଖରେ ଦୁଇ ଅଭିଯୁକ୍ତଙ୍କୁ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲ୍ଲା ସରଜାମଦା ଗ୍ରାମର ଚନ୍ଦନ କୁମାର ଶର୍ମା (୨୮) ଓ ରୋହନ ଲୋହାର (୨୦) କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜନସୁରକ୍ଷା ଗଜସୁରକ୍ଷା ତାଲିମ ଶିବିର




**ଚମ୍ପୁଆ, ୨୨।୧୧(ସମିସ):** ଚମ୍ପୁଆ ଧରଣୀଧର ଭବନଠାରେ ଚମ୍ପୁଆ ବନାଞ୍ଚଳ ତରଫରୁ ହାତୀ ସୁରକ୍ଷା ନିମନ୍ତେ ବୁଧବାର ଗଜସାଥୀଙ୍କୁ ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ନିକ୍ଲୋସନ୍ ଫରେଷ୍ଟ ଟ୍ରେନିଂ ସ୍କୁଲର ନିର୍ଦ୍ଦେଶକ ସତ୍ୟବ୍ରତ ମହାନ୍ତି, ରିସର୍ଚ୍ଚ ପର୍ସନ ଅରବିନ୍ଦ ମାଝି, ଚମ୍ପୁଆ ବନପାଳ କାଳନ୍ଦି ସାମଲ, ଉଖୁଣ୍ଡା ବନପାଳ ପ୍ରମୋଦ ବେହେରା, ବାଲିବନ୍ଧ ବନପାଳ ବୁଲୁ ନାହାକ, ବିଲେଇପଦା ବନପାଳ ମହିନୀ ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ ହାତୀ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥଲେ। ହାତୀ ଓ ମଣିଷର ଲଢେଇକୁ କିପରି ହ୍ରାସ କରାଯାଇ ପାରିବ, ଲୋକଙ୍କ ଜୀବନ ଜୀବିକାକୁ କିପରି ସୁରକ୍ଷା ଦିଆଯିବ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଜୀବଜନ୍ତୁଙ୍କ ସମ୍ମୁଖକୁ ନ ଯିବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ହାତୀଙ୍କ ଉପସ୍ଥିତି ବିଷୟରେ ଲୋକ ଓ ବନ ବିଭାଗକୁ ଅବଗତ ସଚେତନ କରାଇଥିଲେ। ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଉଦୟ ନାଥ ହୋ ମଞ୍ଚ ପରିଚାଳନା କରିଥଲେ।

## ଅସୁସ୍ଥ ହାତୀ ଛୁଆକୁ ନେଇ ବନ ବିଭାଗ ଚିନ୍ତିତ

**ଦଳରୁ ଅଲଗା ହେଉନି ହାତୀ ଛୁଆ**

**ଚିକିତ୍ସା ପାଇଁ ଉଦ୍ୟମ ଜାରି**



କେନ୍ଦୁଝର, ୨୨।୧୧(ସମସି): କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ଅଞ୍ଚଳରେ ଗତ କିଛି ଦିନ ତଳୁ ଚିହ୍ନଟ ହାତୀ ଛୁଆର ଚିକିତ୍ସା କରିବା ବନ ବିଭାଗକୁ ଅସୁବିଧାରେ ପକାଇଛି। ବନ ବିଭାଗର ସବୁ ଯୋଜନା ବିଫଳ ହୋଇଛି। ଫଳରେ ଆହତ ହାତୀ ଛୁଆକୁ ନେଇ କେନ୍ଦୁଝର ବନ ବିଭାଗର ଚିନ୍ତା ବଢ଼ି ଚାଲିଛି। ଅସୁସ୍ଥ ହାତୀଛୁଆକୁ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା କରିବାକୁ ଅପ୍ରାଣ ଉଦ୍ୟମ ଜାରି ରହିଛି। ଘଟଣାସ୍ଥଳରେ କେନ୍ଦୁଝର ଡିଏଫଓ ଧନରାଜ ଏଚ ଡି ନନ୍ଦନକାନନରୁ ଆସିଥିବା ସ୍ୱତନ୍ତ୍ର ଟିମ୍, ପ୍ରାଣୀ ଚିକିତ୍ସକ ଟିମ, ଟ୍ରାଙ୍କୁଲାଇଜର୍ ଟିମ୍ ସମସ୍ତେ ଡେରା ପକାଇଥିଲେ ହେଁ ହାତୀ ଛୁଆର ଚିକିତ୍ସାରେ ବିଫଳ ହୋଇଛନ୍ତି। ଗତ ୭/୮ ଦିନ ତଳୁ ଏକ ୧୨ ଟିକିଆ ହାତୀପଲଙ୍କ ଦଳରେ ଥିବା ଏକ ଛୁଆ ହାତୀର ଡାହାଣ ପଟ ଆଗ ଗୋଡ଼ରେ ଆଘାତ ଲାଗିଥିବାରୁ ହାତୀ ଛୁଆଟି ଅସୁସ୍ଥ ହୋଇ ଚଳ ପ୍ରଚଳ କରୁଥିବା ଦେଖାଯାଇଥିଲା। ଆହତ ହାତୀଛୁଆକୁ ଚିକିତ୍ସା କରିବା ପାଇଁ ଯେତେ ଚେଷ୍ଟା କଲେ ମଧ ବନ ବିଭାଗ ସଫଳ ହୋଇପାରୁନାହିଁ। ୬ ମାସର ଅସୁସ୍ଥ ହାତୀ ଛୁଆକୁ ମା' ହାତୀ ଏବଂ ଦଳରେ ଥିବା ଅନ୍ୟ ହାତୀପଲ ପାଖରୁ ଛାଡୁ ନ ଥିବାରୁ ଏହା ବନ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ତେଣୁ କେନ୍ଦୁଝର ବନଖଣ୍ଡ ପାଟଣା ରେଞ୍ଜ ଡାବରଚୁଆ ସଂରକ୍ଷିତ ଜଙ୍ଗଲରେ ହାତୀଟିର ଚିକିତ୍ସା ପାଇଁ ଜାରି ରହିଛି ଉଦ୍ୟମ। ହାତୀପଲ ଦିନ ତମାମ ଘଞ୍ଚ ଜଙ୍ଗଲରେ ରହୁଥିବାରୁ ହାତୀ ଛୁଆଟିକୁ ଦଳରୁ ଅଲଗା କରିବା କଷ୍ଟକର ବ୍ୟାପାର ହୋଇଛି। ଚିକିତ୍ସା ହୋଇ ନ ପାରିବାରୁ ଆହତ ହାତୀଟିର ଅବସ୍ଥା ଧୀରେ ଧୀରେ ଖରାପ ହେଉଛି। ଉଦ୍ଧାରକାରୀ ଦଳ ପକ୍ଷରୁ ଚେଷ୍ଟା ଜାରି ରହିଛି। କିନ୍ତୁ ବୁଧବାର ଦିନ ମଧ୍ୟ ଚିକିତ୍ସା ହୋଇପାରିନାହିଁ। ଏବାବଦରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡିଙ୍କ ମତାମତ ନିଆଯିବାରୁ ଟିମ ଅନେକ ଚେଷ୍ଟା କରିଥିଲେ ମଧ୍ୟ ଆହତ ହାତୀର ଚିକିତ୍ସା ହୋଇପାରିଲା ନାହିଁ। ଆସନ୍ତାକାଲି ପୁଣି ଚେଷ୍ଟା ଜାରି ରହିବ ଏବଂ ଅତିଶୀଘ୍ର ଅସୁସ୍ଥ ହାତୀଛୁଆକୁ ଉଦ୍ଧାର କରି ଚିକିତ୍ସା କରାଯିବ ବୋଲି ଡ଼ିଏଫଓ କହିଛନ୍ତି।

## ଗଢ଼ିଉଠୁଛି ମାଳମାଳ ବେଆଇନ ଇଟାଭାଟି

**ଜରିମାନା ଆଦାୟ କରି ଚୁପଚାପ୍ ବସିଛି ପ୍ରଶାସନ**

**କୋଇଲା ଧୂଆଁରେ ଅଣନିଃଶ୍ୱାସୀ ସ୍ଥାନୀୟ ବାସିନ୍ଦା**

**ଛେନାପଦି, ୨୨।୧୧(ସମିସ)**



ପ୍ରତିବର୍ଷ ଠିକ୍ ଏହି ନଭେମ୍ବର ମାସ ଠାରୁ ଆରମ୍ଭ କରି ଜୁନ୍ ମାସ ଶେଷ ଯାଏଁ କେନ୍ଦୁଝର ଜିଲ୍ଲା ହାଟଡ଼ିହି ତହସିଲ ଅଧିନସ୍ଥ ବିଭିନ୍ନ ସ୍ଥାନରେ ମାଳମାଳ ବେଆଇନ୍ ଇଟାଭାଟି ଗଢ଼ି ଉଠିଥାଏ। ଛତୁ ଫୁଟିଲା ପରି ଏଇ ଇଟାଭାଟି ଗୁଡ଼ିକ ବେଆଇନ୍ ଭାବେ ଗଢ଼ି ଉଠୁଥିଲା ବେଳେ ସରକାରୀ ନିୟମ ତଥା ଗ୍ରୀନ୍ ଟ୍ରିବ୍ୟୁନାଲ୍ ନିର୍ଦ୍ଦେଶାନୁଯାୟୀ କୌଣସି ଚିମିନି ଇଟାଭାଟି ଦେଖାଯାଏ ନାହିଁ। ଏଭଳି ବେଆଇନ୍ ଇଟାଭାଟିରୁ ନିର୍ଗତ ହେଉଥିବା କଳାଧୂଆଁର ଜହରରେ ସ୍ଥାନୀୟ ବାସିନ୍ଦା ଅଣନିଃଶ୍ୱାସୀ ହେଉଥିଲା ବେଳେ ଅନେକ ଇଟାଭାଟିଠାରୁ ଖୁବ୍ ନିକଟରେ ରହୁଥିବା ବିଦ୍ୟାଳୟଗୁଡ଼ିକର ପରିସ୍ଥିତି ମଧ ଏକାଭଳି ଘଟୁଥିବା ନେଇ ଆଶାପ୍ରକଟ କରାଯାଇଥାଏ। ଏସବୁ ଇଟାଭାଟି ବେଆଇନ୍ ହୋଇଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ଏହାକୁ ଉଚ୍ଛେଦ କରିବା ଭଳି ପ୍ରକ୍ରିୟା ଜାରି ନକରି ଦଣ୍ଡ ସ୍ୱରୂପ ସେଥିରୁ କେବଳ ଜରିମାନା ଆଦାୟ କରି ଛାଡ଼ି ଦେଇଥାଏ। ପ୍ରତିବର୍ଷ ଯେଉଁ ସ୍ଥାନମାନଙ୍କରେ ବେଆଇନ୍ ଇଟାଭାଟି ଗଢ଼ି ଉଠିଥାଏ, ସେହି ପାଖ ଅଞ୍ଚଳର କିଛି ଗୋଚର ଜାଗା ସହ ଅନେକ ସରକାରୀ ସ୍ଥାନ ଗୁଡ଼ିକ କ୍ରମଶଃ ଖାଲଖମାରେ ପରିଣତ ହେବାକୁ ଲାଗିଲାଣି। ଯ।ହ।କି ବିଭିନ୍ନ ସମୟରେ ଧନଜୀବନ ନଷ୍ଟ ହେବାରେ ମୁଖ୍ୟ କାରଣ ସାଜିଥାଏ। ଯଦି ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯତ୍ନବାନ ହେବା ସହ ଅସାଧୁ ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ କରନ୍ତେ ତା'ହେଲେ ନଷ୍ଟ ହେଉଥିବା ଧନଜୀବନ ସୁରକ୍ଷିତ ବୋଲି ଆଶା କରିହୁଅନ୍ତା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରକାଶ ଥାଉକି ହାଟଡିହି ତହସିଲ୍ ଅଧିନସ୍ଥ ତରଭା, ସମଣା, ହାବଳେଶ୍ୱର, ସୋସୋ, କୁଶଟିକିରି ଭଳି ବିଭିନ୍ନ ସ୍ଥାନମାନଙ୍କରେ କିଛି ଅସାଧୁ ବେପାରୀ ସ୍ଥାନୀୟ ପ୍ରଶାସନକୁ ହାତବାରିସୀ କରି ବେଆଇନ୍ ଇଟାଭାଟି ଗଢ଼ି ଲକ୍ଷାଧିକ ଟଙ୍କାର ମୁନାଫା ଉଠାଇ ରାଜସ୍ୱ ହାନି କରୁଥିବା ବେଳେ ପ୍ରଶାସନ ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସମଣା, ସୋସୋ ଓ କୁଶଟିକିରୀ ଆଦି ଅଞ୍ଚଳର ଇଟାଭାଟି ଗୁଡ଼ିକ ବିଦ୍ୟାଳୟ ପାଖାପାଖି ରହୁଥିବାରୁ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି। ସରକାର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ଉତ୍ତମ ଖାଦ୍ୟର ବନ୍ଦୋବସ୍ତ କରିଥିଲାବେଳେ କୋଇଲା ଧୂଆଁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ବିଗିଡିବା ସହ ମାନସିକ ପରିସ୍ଥିତିକୁ ଅସନ୍ତୁଳିତ କରୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳେ। ଆନନ୍ଦପୁର ଉପଜିଲ୍ଲାପାଳ ଓ ସ୍ଥାନୀୟ ତହସିଲଦାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଆକର୍ଷଣ କରିବା ସହିତ ଆଇନ୍ ଅନୁଯାୟୀ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଶିଶୁର ନାଭିଛେଦନରେ ତ୍ରୁଟି

# ୪ ବର୍ଷ ଧରି ଚିକିତ୍ସା ଅଭାବରୁ ହନ୍ତସନ୍ତ ହେଉଛି ଶିଶୁ

କରଞ୍ଜିଆ, ୨୨।୧୧(ସମିସ): କରଞ୍ଜିଆ ବ୍ଲକର କୁଳିପୋଷି ପଞ୍ଚାୟତ କାଦଡିହା ଗ୍ରାମରେ ଏକ ଶିଶୁର ନାଭିକୁ ଠିକ ଭାବରେ କଟା ଯାଇ ନ ଥିବାରୁ ଶିଶୁଟି କଷ୍ଟ ପାଉଛି। କାଦଡିହା ଗ୍ରାମର ସଉକ ହୋ' ଙ୍କ ପୁଅ ଗିରିଧାରୀ ହୋ' ର ଜନ୍ମ ୨୦୧୯ରେ କରଞ୍ଜିଆ ସରକାରୀ ଡାକ୍ତରଖାନାରେ ହୋଇଥିଲା। ଜନ୍ମ ସମୟରେ ଡାକ୍ତର ଓ ନର୍ସ ଶିଶୁଟିର ନାଭିଛେଦନ କରିଥିଲେ। ତେବେ ଠିକ୍ ଭାବରେ ନାଭି କଟାଯାଇ ନ ଥିବାରୁ ଶିଶୁର ନାଭିରୁ ରକ୍ତ ଝରିବା ବନ୍ଦ ହୋଇ ନ ଥିଲା। ସଉକା ହୋ ଶିଶୁକୁ ଧରି କରଞ୍ଜିଆ ଡାକ୍ତରଖାନାରେ ଦେଖାଇଥିଲେ।



ସେତେବେଳ ଡାକ୍ତର ଉକ୍ତ ନାଭି ତ୍ରୁଟି ଥିବାର ପରୀକ୍ଷାରୁ ଜାଣିବାକୁ ପାଇଥିଲେ ଓ ଅଧିକ ଚିକିତ୍ସା ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଗରିବ ଆଦିବାସୀ ଶ୍ରମିକ ସଉକା କୌଣସି ପ୍ରକାରରେ ବାରିପଦା ମେଡିକାଲ କଲେଜକୁ ନେଇଥିଲେ, ସେଠାରେ ସମସ୍ତ ପରୀକ୍ଷା ପରି ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇ ତାରିଖ ଧାର୍ଯ୍ୟ କରିଥିଲେ।

ସଉକା ହୋ ପୁଅକୁ ଧରି ମେଡିକାଲ କଲେଜକୁ ଯାଇଥିବା ବେଳେ ସେଠାରେ ଥିବା କର୍ମଚାରୀ ଡାକ୍ତର ନାହାନ୍ତି କହି ଫେରାଇ ଦେଇଥିଲେ। ପୁଣି କିଛି ଦିନପରେ ବଡ ସଉକା ପୁଅର ଚିକିତ୍ସା ପାଇଁ ବାରିପଦା ନେଇଥିଲେ। ତାକୁ ମଧ ଡାକ୍ତର ନାହାନ୍ତି କହି ଫେରାଇ ଦିଆଯାଇଥିଲା, ଖବର ଦେଲେ ଆସିବ ବୋଲି କୁହାଯାଇଥିଲା।

ଇତି ମଧରେ ୪ବର୍ଷ ବିତିବାକୁ ବସିଲାଣି। ସଉକକୁ ଆଉ ଖବର ଦିଆଯାଉ ନାହିଁ। ପୁଣି ନାଭିରୁ ରକ୍ତ ଝରୁଥିବାରୁ ସଂକ୍ରମଣ ଆଶଙ୍କା ମଧ ଦେଖାଦେଇଛି। ଶିଶୁର ପ୍ରଶାସନ ପକ୍ଷରୁ ଶିଶୁଟିର ଚିକିତ୍ସା ବ୍ୟବସ୍ଥା କରାଇବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

## ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କୁ କୃତଜ୍ଞତା



ରାଇରଙ୍ଗପୁର, ୨୨।୧୧(ସମିସ): ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ନେତୃତ୍ୱରେ ବାଦାମପାହାଡ଼ରୁ ରାଉରକେଲାକୁ ରେଳ ସଂଯୋଗ କରିବା ପାଇଁ ବାରମ୍ବାର ଦାବି କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ତିନିଟି ନୂତନ ଟ୍ରେନ ଉଦ୍‌ଘାଟନ କରାଯାଇଥିବାରୁ ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ପକ୍ଷରୁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ତା'ସହିତ ମୟୂରଭଞ୍ଜକୁ ରେଳସେବା କ୍ଷେତ୍ରରେ ଯୋଡିବା ପାଇଁ ବାଙ୍ଗିରିପୋଷିରୁ ଗୋରୁମହିଷାଣୀକୁ ନୂତନ ରେଳ ସଂଯୋଗ କରିବା ପାଇଁ ମାସାଆର୍ମୀ ପକ୍ଷରୁ ଦାବି କରାଯାଇଛି।

## ବଡ଼ସାହି ବ୍ଲକର ନବଜ୍ୟୋତିଙ୍କୁ ସ୍ୱର୍ଣ୍ଣ ପଦକ



ମାଣତ୍ରୀ, ୨୨।୧୧(ସମିସ): ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ଗ୍ରାମର ମେଧାବୀ ଇଞ୍ଜିନିୟର ଛାତ୍ର ନବଜ୍ୟୋତି ମହାପାତ୍ରଙ୍କୁ ସ୍ୱର୍ଣ୍ଣପଦକ ମିଳିଥିବାରୁ ଅଞ୍ଚଳ ତଥା ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସୋମବାର ସନ୍ଧ୍ୟାରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୫ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ନବଜ୍ୟୋତିଙ୍କୁ ଏହି ପଦକ ପିନ୍ଧାଇ ସମ୍ବର୍ଦ୍ଧିତ କରିଛନ୍ତି। ମାନଗୋବିନ୍ଦପୁର ଗ୍ରାମର ଅଶୋକ ମହାପାତ୍ର ଓ ଅନ୍ନପୂର୍ଣ୍ଣା ମହାପାତ୍ରଙ୍କ ପୁଅ ମାଣତ୍ରୀ ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିବା ବେଳେ ଭୁବନେଶ୍ୱର ବିଜେବି କଲେଜରେ ଯୁକ୍ତ ଦୁଇ ପଢ଼ିବା ପରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରିକାଲ ବିଭାଗରେ ବିଟେକ ପାସ୍ କରି ବର୍ତ୍ତମାନ ଘରୋଇ କମ୍ପାନୀରେ ଚାକିରି ପାଇଛନ୍ତି। ସେ ତାଙ୍କ ବ୍ରାଞ୍ଚରେ ସର୍ବାଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବାରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଷ୍ଟ୍ରପତି ସମ୍ବର୍ଦ୍ଧିତ କରିଥିଲେ। କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଟୁକୁନି ସାହୁ, ପ୍ରୀତିରଞ୍ଜନ ଘଡେଇ ଏବଂ କୁଳପତି ପ୍ରଫେସର ବଂଶୀଧର ମାଝୀ ଉପସ୍ଥିତ ରହି ନବଜ୍ୟୋତିଙ୍କ ପାରଦର୍ଶିତାକୁ ପ୍ରଶଂସା କରିଛନ୍ତି।

## ଧୁମ୍‌ଧାମ୍‌ରେ ପାଳିତହେଲା ଜଗଦ୍ଧାତ୍ରୀ ପୂଜା

ଶୁଳିଆପଦା, ୨୨।୧୧(ସମିସ): ଶୁଳିଆପଦା ବ୍ଲକର ଅଁଳାକୁଡ଼ା ପଞ୍ଚାୟତର ଚଉଦ ମାଇଲର ନଦୀଗାଁ ଠାରେ ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା ପାଳିତ ହୋଇଯାଇଛି।



ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସହ ଆକର୍ଷଣୀୟ ତୋରଣ ବେଶ୍ ମନ ମୁଗ୍ଧ କର ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା। ମନୋରଞ୍ଜନ ପାଇଁ ପଲ୍ଲୀଶ୍ରୀ ଅପେରା ୨ ଦିନ ଧରି ନାଟକ ମଞ୍ଚସ୍ଥ କରିଥିଲା। ଯାହା ସମସ୍ତ ଦର୍ଶକଙ୍କୁ ବେଶ ମନମୁଗ୍ଧ କରିଥିଲେ। କମିଟିର ସୁବୋଧ ସି, ବାଇଧର ସି, ପ୍ରଶାନ୍ତ ଦେଓ, ପରମେଶ୍ୱର, ରାମେଶ୍ୱର, ଚନ୍ଦ୍ରକାନ୍ତ, ଅଜିତ, ଅନଙ୍ଗ ସାହୁ, ଲକ୍ଷ୍ମୀଧର, ରସା, କଟି ଓ ପ୍ରଦୀପଙ୍କ ସମେତ ଗ୍ରାମବସୀଙ୍କ ଆକୃଷ୍ଟ, ସହଯୋଗରେ ପୂଜା ଓ ଅପେରା ସମ୍ପନ୍ନ ଶାନ୍ତିଶୃଙ୍ଖଳା ସହ ସମ୍ପାଦନ ହୋଇଥିଲା।

## ପାଣିରେ ବୁଡ଼ି ମହିଳା ମୃତ

କପ୍ତିପଦା, ୨୨।୧୧(ସମିସ): କପ୍ତିପଦା ଥାନା ନୁଦଡିହା ଗ୍ରାମର ମହେଶ୍ୱର ଜେନାଙ୍କ ପତ୍ନୀ ଶକୁନ୍ତଳା (୩୨) ନିଜ ବାଡିରେ ଥିବା ଗଡ଼ିଆକୁ ଗାଧୋଇ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ତୁଠପଥରରେ ଗୋଡ ଖସିଯାଇ ବୁଡିଯାଇଥିଲେ। ସ୍ୱାମୀ ଘରେ ନଥିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ୱାମୀ ମହେଶ୍ୱର କାମରୁ ଫେରି ଖାଇବା ପାଇଁ ସ୍ତ୍ରୀକୁ ଖୋଜିଥିଲେ। ମାତ୍ର ଅନେକ ଖୋଜାଖୋଜି ପରେ ଭାସମାନ ଅବସ୍ଥାରେ ପତ୍ନୀଙ୍କୁ ଗଡ଼ିଆରୁ ପାଇ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଥିଲେ। ତେବେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବରପାଇ କପ୍ତିପଦା ପୁଲିସ ଶବ ଜବତ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଭଞ୍ଜମାଟିର କର୍ମବୀର : ଜନନେତା ଅଜୟ କୁମାର ଦାଶ

# ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି

ବାରିପଦା, ୨୨।୧୧(ସମିସ): ଜନନେତା ଅଜୟ କୁମାର ଦାଶଙ୍କୁ ଅଜୟ ଦାଶ ସ୍ମୃତି ସମିତି ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ତତ୍କାଳୀନ ମୟୂରଭଞ୍ଜ ଷ୍ଟେଟର ବୈଶିଙ୍ଗା ନିକଟସ୍ଥ ମେରଦା ଗ୍ରାମର ଏକ ସମ୍ଭ୍ରାନ୍ତ କୁଳିନ ବ୍ରାହ୍ମଣ ପରିବାରରେ ଜମିଦାର ପିତା କୃଷ୍ଣଚନ୍ଦ୍ର ଦାଶ ଓ ମାତା ବୀଣାପାଣି ଦେବୀଙ୍କର କୋଳରୁ ଜନ୍ମଗ୍ରହଣ କରିଥିଲେ ଅଜୟ କୁମାର ଦାଶ। ୧୯୩୨ ମସିହା ମାର୍ଚ୍ଚ ୨୭ ତାରିଖରେ ଜନ୍ମିତ ଅଜୟ କୁମାର ଦାଶ ନିଜ ଜୀବନର ସଫଳ କାହାଣୀ ରଚି ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ଭଞ୍ଜମାଟିର ବିକାଶ ପୁରୁଷ ଭାବେ ଆଦୃତ। ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜର ଛାତ୍ର ସଂସଦର ସଭାପତି ଭାବେ କ୍ରମାଗତ ଦୁଇ ବର୍ଷ ଧରି (୧୯୫୧-୫୨-୫୩ ) ନିର୍ବାଚିତ ହୋଇଥିଲେ। ଆଗାମୀ ପିଢ଼ି ପାଇଁ ଛାତ୍ର ଜୀବନରୁ ନେତୃତ୍ୱ ନେବାର ସ୍ୱପ୍ନ ଦେଖିଥିଲେ। ସେ ରାଜନୈତିକ



ଜୀବନ ଆରମ୍ଭ କରନ୍ତି ବେତନଟୀ ବ୍ଲକର ଅଧକ୍ଷ ପଦରୁ। କାଳକ୍ରମେ ମୟୂରଭଞ୍ଜ ଜିଲ୍ଲା ପରିଷଦର ପ୍ରଥମ ଅଧକ୍ଷ, ରାଜ୍ୟ ପରିବହନ ସଂସ୍ଥାର ସଦସ୍ୟ, ବାରିପଦା ପୌର ପାଳିକାର ଦୁଇ ଥର ଚେୟାରମ୍ୟାନ, ବାରିପଦା ରୋଟାରୀ କ୍ଲବର ସଭାପତି, ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିଚାଳନା ବୋର୍ଡର ସଭାପତି, ବାରିପଦା ଅର୍ବାନ୍ ବ୍ୟାଙ୍କର ନିର୍ଦ୍ଦେଶକ ତଥା ରାଜ୍ୟ ପରିବହନ ନିଗମର ନିର୍ଦ୍ଦେଶକ ଭାବେ ଉଚ୍ଚ ପଦପଦବୀରେ ରହି ସୁଚାରୁ ରୂପେ କାର୍ଯ୍ୟ ନିର୍ବାହ କରି ସାରା ଜିଲ୍ଲାରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଥିଲେ। ମୟୂରଭଞ୍ଜ ଓ ସର୍ବୋପରି ବାରିପଦା ସହରର ସର୍ବବିଧ ଉନ୍ନତି ଆଣିବା ଦିଗରେ ବ୍ରତୀ ହୁଅନ୍ତି ଜନନେତା ଅଜୟବାବୁ। ବାରିପଦା ସହରର ସର୍ବାଙ୍ଗୀନ ଉନ୍ନତି ସହ ଏହାକୁ ଏକ ଆଦର୍ଶ ଓ ସୌନ୍ଦର୍ଯ୍ୟ ପୂର୍ଣ୍ଣ ସହର କରି ଗଢ଼ିବା ପାଇଁ ପୌର ପାଳିକାର ଅଧକ୍ଷ ଥିବା ସମୟରେ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ୧୯୮୭ ମସିହା ଏପ୍ରିଲ୍ ମାସରେ ପ୍ରଥମ ଥର ପାଇଁ ବାରିପଦାରେ ରାଜ୍ୟସ୍ତରୀୟ ପୌର ପରିଷଦ ଅଧକ୍ଷ ସମ୍ମିଳନୀ ଆୟୋଜନ କରାଇବା ଅଜୟ ବାବୁଙ୍କ ବଳିଷ୍ଠ ନେତୃତ୍ୱର ପରିଚୟ ଦିଏ। ରାଜନୈତିକ ଜୀବନରେ ସକ୍ରିୟ ଭାବେ କାର୍ଯ୍ୟ ୧୯୬୦ ରୁ ଆରମ୍ଭ କରି ଦଳ ମତ ନିର୍ବିଶେଷରେ ରାଜନୀତିର ପ୍ରବୀଣ ଜନନେତା ଡ. ହରେକୃଷ୍ଣ ମହତାବ, ବନମାଳୀ ପଟ୍ଟନାୟକ, ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥୀ, ପ୍ରସନ୍ନ କୁମାର ଦାଶ ପ୍ରମୁଖଙ୍କ ସହିତ ବ୍ୟକ୍ତିଗତ ଭାବେ ଘନିଷ୍ଠ ସମ୍ପର୍କ ଥିଲା। ମୟୂରଭଞ୍ଜବାସୀଙ୍କ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱ ଦେଇ ନବେ ଦଶକରେ ବାରିପଦା - ରୂପସା ରେଳ ଲାଇନକୁ ବ୍ରଡଗେଜ ଓ ଖଣି ଅଞ୍ଚଳ ବାଦାମ ପାହାଡ ସହ ଅନ୍ୟ ସହର ସହିତ ରେଳ ଲାଇନ୍ ସଂଯୋଗ ପାଇଁ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଶ୍ରାଦ୍ଧ ବାର୍ଷିକୀ ଅବସରରେ ଅଜୟ ଦାଶ ସ୍ମୃତି ସମିତି ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରି ପ୍ରତି ବର୍ଷ ପାଳିତ ହୋଇ ଆସୁଅଛି।

## କୁଚେଇବୁଡ଼ିରେ ମା' ଜଗଦ୍ଧାତ୍ରୀ ପୂଜା



ରାଇରଙ୍ଗପୁର, ୨୨।୧୧(ସମିସ): ସ୍ଥାନୀୟ କୁଚେଇବୁଡି ଜଗଦ୍ଧାତ୍ରୀ ପୂଜା କମିଟି ପକ୍ଷରୁ ୧୯୯୬ ମସିହାଠାରୁ ମା ଜଗଦ୍ଧାତ୍ରୀଙ୍କ ପୂଜା ହୋଇଆସୁଛି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ମୁର୍ମୁ ଛକ ନିକଟରେ ଆକର୍ଷଣୀୟ ପେଣ୍ଡାଲ ନିର୍ମାଣ କରାଯାଇଥିଲା। ଏଥିସହିତ ମା ଜଗଦ୍ଧାତ୍ରୀଙ୍କ ଚିତ୍ତାକର୍ଷକ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ରାତିରେ ପେଣ୍ଡାଲ ନିକଟ ଅଞ୍ଚଳରେ ବିଦ୍ୟୁତ ଆଲୋକ ସଜ୍ଜା କରାଯାଇଥିଲା। ଚଳିତ କାର୍ତ୍ତିକ ମାସ ୧୯ ତାରିଖ ଦିନ ମାଙ୍କ ପୂଜା ପାଇଁ କଳଶ ସ୍ଥାପନ ପରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୋମବାର ମା ଜଗଦ୍ଧାତ୍ରୀଙ୍କ ମହାସ୍ନାନ ଅଷ୍ଟମ ବିହିତ ପୂଜା ପରେ ଚଣ୍ଡୀପାଠ ହୋଇଥିଲା। ମଙ୍ଗଳବାର ଅଁଳା ନବମୀ ବିହିତ ପୂଜା ହୋଇଥିଲା। ୨୨ ତାରିଖ ମା ଜଗଦ୍ଧାତ୍ରୀଙ୍କ ଦଶମୀ ବିହିତ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଅପରାଜିତା ପୂଜା ପରେ ବିସର୍ଜନ ହୋଇଥିଲା। ଏଥିରେ କୁଚେଇବୁଡି ମା' ଜଗଦ୍ଧାତ୍ରୀ ପୂଜା କମିଟି ସଭାପତି ମାନୁ ମହାପାତ୍ର, ସମ୍ପାଦକ ବିଶ୍ୱଜିତ ପଣ୍ଡା(ଟନି), ଉପସଭାପତି ମାନଗୋବିନ୍ଦ ମହାନ୍ତ ସହିତ ଅନ୍ୟ କର୍ମକର୍ତ୍ତାଙ୍କ ମଧରେ ଦେବବ୍ରତ ମହାନ୍ତି, ଶ୍ରିତମ ମହାନ୍ତି, ସାହିଲ ମହାନ୍ତି, ସାଇ ବିଭୁତି ମହାନ୍ତି, ଶିବପ୍ରସାଦ ମଣ୍ଡଳ, ରୋକି ବୈଠା, ରାହୁଲ ମହାନ୍ତ, ଲିଲୁ ଦାସ, ସତ୍ୟମ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ୨୪ରେ ମାସା ଆର୍ମୀ ପକ୍ଷରୁ ତାଲାବନ୍ଦ ଆନ୍ଦୋଳନ

ବିଶୋଇ, ୨୨।୧୧(ସମିସ): ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତର ଅପହଞ୍ଚ ଅଞ୍ଚଳ ହେନ୍ଦେଦା ଓ ବୁରୁଡ଼ିହି ଗ୍ରାମବାସୀଙ୍କୁ ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା ପରି ମୌଳିକ ସୁବିଧା ଯୋଗାଇବା ପାଇଁ ଗତ ୭ ତାରିଖ ଦିନ ମାସା ଆର୍ମି ପକ୍ଷରୁ ବ୍ଲକ ବିଡିଓ ଓ ବିଶୋଇ ଥାନା ଅଧିକାରିଣୀଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ନଭେମ୍ବର ୨୧ ତାରିଖ ସୁଦ୍ଧା ଉକ୍ତ ଗ୍ରାମରେ କୌଣସି ଉନ୍ନତମୂଳକ କାର୍ଯ୍ୟ ଆରମ୍ଭ କରା ନ ଗଲେ ନଭେମ୍ବର ୨୨ ତାରିଖରେ ମାସା ଆର୍ମି ପକ୍ଷରୁ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଥିଲା। କିନ୍ତୁ ରାଷ୍ଟ୍ରପତିଙ୍କ ବାମନଘାଟି ଉପଖଣ୍ଡରେ କାର୍ଯ୍ୟକ୍ରମ ଦୃଷ୍ଟିରୁ ରଖି ୨୨ ତାରିଖରେ ହେବାକୁ ଥିବା ତାଲା ବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଗଲା। ଏହି ତଲାବନ୍ଦ ଆନ୍ଦୋଳନ ଆସନ୍ତା ୨୪ ତାରିଖ ଦିନ ନିର୍ଦ୍ଧାରିତ କରାଯାଇଛି ବୋଲି ମାସା ଆର୍ମି ପକ୍ଷରୁ ସୂଚନା ମିଳିଛି। ଏଥିନିମନ୍ତେ ଏକ ଚିଠି ଆଜି ବିଶୋଇ ବ୍ଲକ ବିଡିଓ ସଂଯୁକ୍ତା ବାଆ ଓ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇଙ୍କୁ ମାସା ଆର୍ମି ବାମନଘାଟି ସଭାପତି ସୁନୀଲ ସୋରେନ, ସମ୍ପାଦକ ମାସାଙ୍ଗ ହେମ୍ବ୍ରମ, ଜିଲ୍ଲା ସାଧାରଣ ସମ୍ପାଦକ ହାଡ଼ିବନ୍ଧୁ ଟୁଡୁ ପ୍ରଦାନ କରିଛନ୍ତି।

## ଗୋ-ମାଂସ ଜବତ; ଜଣେ ଗିରଫ

କୁଳିଅଣା, ୨୨।୧୧(ସମିସ): କୁଳିଅଣା ଥାନା ପଳାସ ବଣି ଗ୍ରାମରୁ ଗୋ-ମାଂସ ଜବତ ହୋଇଛି। ଗୋପି ବଲ୍ଲଭପୁର ଅଞ୍ଚଳର ସେକ୍ ଅବସୁର ଅଲ୍ଲୀ (୩୮) ମଟରସାଇକେଲରେ ଗୋ-ମାଂସ ନେଇ ଯାଉଥିବାବେଳେ କୁଳିଅଣା ଥାନାର ପୋଳାସବଣି ଗ୍ରାମବାସୀ ଅଟକାଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କ ଠାରୁ ୨ କେଜି ଗୋ-ମାଂସ ଜବତ କରିବା ସହିତ ମାମଲା ରୁଜୁ କରି ଅଭିଯୁକ୍ତକୁ କାର୍ଟ ଚାଲାଣ କରିଛି।



## ଚାଷୀଙ୍କୁ ବିହନ, ଜୈବିକ ସାର ଓ କୀଟନାଶକ ବଣ୍ଟନ



ବିଶୋଇ, ୨୨।୧୧(ସମିସ): ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାଇରଙ୍ଗପୁର ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ(ଏମ୍ଏମ୍ଜେଜେଏମ୍)ରେ ବିଶୋଇ ବ୍ଲକ ଅଶନା ପଞ୍ଚାୟତର ଅର୍ଜୁନବିଲା ଗ୍ରାମରେ ରବି ଋତୁରେ ଉନ୍ନତମାନର ବିହନ, ଜୈବିକ ସାର ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଛି। ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପରିକ୍ଷିତ ଦାସଙ୍କ ପରାମର୍ଶ କ୍ରମେ ତଥା 'ମସାଲକାଟା ଜନଜାତି ଜୀବିକା ପରିଷଦ'ଦ୍ୱାରା ଏହି କାର୍ଯ୍ୟକ୍ରମ ସଂଯୋଜନା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଶନା ସରପଞ୍ଚ ସାବିତ୍ରୀ ନାଏକ ଯୋଗଦେଇ ଚାଷୀଙ୍କୁ ଉନ୍ନତମାନର ବିହନ ଓ ଜୈବିକ ସାର ବ୍ୟବହାରରେ ଅଧିକରୁ ଅଧିକ ଅମଳ କରି କିପରି ଲାଭବାନ ହୋଇପାରିବେ ସେନେଇ ବ୍ୟକ୍ତବ ରଖିଥିଲେ। ଆଇଟିଡିଏ ରାଇରଙ୍ଗପୁରର ଜୀବନ ଜୀବିକା ବିଭାଗର ବିଷୟବସ୍ତୁ ବିଶେଷଜ୍ଞ ରବୀନ୍ଦ୍ରନାଥ ଗିରି(ଏଗ୍ରି ଓ ହର୍ଟି), ବିଶେଷଜ୍ଞ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, (ଆଇବି, ସିବି), ବିଶୋଇ ବ୍ଲକ ଜୀବନଜୀବିକା ବିଶେଷଜ୍ଞ ଦିଗମ୍ବର କମିଳାଙ୍କ ଉପସ୍ଥିତରେ ତଥା ମସାଲକଟା ଜନଜାତି ପରିଷଦ ସଭାପତି ବିରେନ୍ଦ୍ର ନାଥ ହାଁସଦାଙ୍କ ତତ୍ତ୍ୱାବଧାନରେ ପ୍ରଥମ ପର୍ଯ୍ୟାୟରେ ୩୫ ଚାଷୀଙ୍କୁ ବିହନ, ଖତ, କୀଟନାଶକ ଔଷଧ ବଣ୍ଟନ କରାଯାଇଥିଲା। ଚାଷୀ କାର୍ତ୍ତିକ ଚନ୍ଦ୍ର ହାଁସଦା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ, ଅଶନା ସରପଞ୍ଚ ପ୍ରତିନିଧି ମଙ୍ଗଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ମସାଲକାଟା ସମ୍ପାଦକ ଘାଙ୍ଗୁ ହେମ୍ବ୍ରମ, ଜନଜାତି ଜୀବିକା ସାଥୀ ମୁଚିରାମ୍ ମୁର୍ମୁଙ୍କ ସମେତ ଜନଜାତି ଜୀବିକା ପରିଷଦର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଟ୍ରାନ୍ସଫର୍ମର

ଖୁଣ୍ଟା, ୨୨।୧୧(ସମିସ): ଖୁଣ୍ଟା ମିନି ଷ୍ଟାଡିୟମ ମୁଖ୍ୟଫାଟକ ସମ୍ମୁଖରେ ଥିବା ଟ୍ରାନ୍ସଫର୍ମର ନେଇ ଏବେ ବିପଦ ଆଶଙ୍କା ଥିଲେ ମଧ ବିଦ୍ୟୁତ ବିଭାଗର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଖୁଣ୍ଟା ପୁରୁଣାପାଣି ଛକରୁ ବଙ୍ଗଳାଛକକୁ ସଂଯୋଗକରୁଥିବା ଆର୍‌ଡି ବିଭାଗ ରାସ୍ତାର ଥାନା ଛକ ନିକଟରେ ରାସ୍ତା ପାର୍ଶ୍ୱକୁ ଲାଗି ଏକ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବିଭାଗ ପକ୍ଷରୁ ଦୀର୍ଘବର୍ଷ ପୂର୍ବେ ସ୍ଥାପିତ ହେଇଥିଲା। ତେବେ ସେହି ସମୟରେ ବର୍ତ୍ତମାନ ପରି ଜନଗହଳି ନ ଥିବା କରଣରୁ ଏହାର ଚାରିପାଖ ଅବନ୍ଧ କରିବା ଆବଶ୍ୟକ ପଡ଼ି ନ ଥିଲା। ମାତ୍ର ଏବେ ପରିସ୍ଥିତି ଭିନ୍ନ। କେବଳ ଯେ ଜନଗହଳି ବୃଦ୍ଧି ପାଇଛି ତାହା ନୁହେଁ, ରାସ୍ତାଟି ମଧ ପୂର୍ବ ଅପେକ୍ଷା ଯଥେଷ୍ଟ ଚଉଡ଼ା ମଧ ହୋଇଛି। ଯାହା ଏବେ ଧନ ଜୀବନର ସୁରକ୍ଷାକୁ ନେଇ ପ୍ରଶ୍ନବାଚି ସୃଷ୍ଟି କରୁଛି। ଏହି ଟ୍ରାନ୍ସଫର୍ମର ପାର୍ଶ୍ୱ ଦେଇ ମିନି ଷ୍ଟାଡିୟମ ଓ ହନୁମାନ ମନ୍ଦିର ସମେତ




ଅଙ୍ଗନବାଡ଼ି କେନ୍ଦ୍ରକୁ କୁନି କୁନି ପିଲାମାନେ ମଧ ଯାତାୟାତ କରିଥାନ୍ତି। ମୁକୁଳା ରହିଥିବା ଏହି ଟ୍ରାନ୍ସଫର୍ମର କେବଳ ଯେ ମଣିଷଙ୍କ ପାଇଁ ବିପଦ ସୃଷ୍ଟି କରୁଛି ତାହା ନୁହେଁ, ଗୃହପାଳିତ ପଶୁମାନଙ୍କ ସୁରକ୍ଷାକୁ ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ଟ୍ରାନ୍ସଫର୍ମର ଚାରିପାଖକୁ ଆବଦ୍ଧ କରିବାର ଆବଶ୍ୟକତା ଏବେ ରହିଥିଲେ ସୁଧ ବିଭାଗୀୟ କର୍ମଚାରୀଙ୍କ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବାକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି। ତେବେ କୌଣସି ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ବିଭାଗ ପକ୍ଷରୁ ଚାରିପାଖ ଅବନ୍ଧ କରାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଅଛି। ତେବେ ଘଟଣା ସମ୍ପର୍କରେ ଖୁଣ୍ଟା ବିଦ୍ୟୁତ ବିଭାଗ ଏସଡିଓ ପ୍ରକାଶ ସାହୁଙ୍କ ମତାମତ ଲୋଡ଼ାଯାଇଥିବା ବେଳେ ପୂର୍ବେ ସ୍ଥାପିତ ହୋଇଥିବା ଟ୍ରାନ୍ସଫର୍ମର ଚାରିପାଖକୁ ଆବଦ୍ଧ କରାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେ ଗ୍ରହଣ କରାଯାଇଛି ଏବଂ ଏହାର କାର୍ଯ୍ୟ ଯଥାଶୀଘ୍ର ସମ୍ପାଦନ ହେବ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଆନନ୍ଦପୁର, ୨୨।୧୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠା ପଞ୍ଚାୟତର ବଡ ଏକତାଳି ଗ୍ରାମର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିନିବର୍ଷ ଧରି ପ୍ରଧାନଶିକ୍ଷକ ଥିବା ଅତୁଲ କୁମାର ବଳଙ୍କୁ ଆଜି ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଚିତ୍ତରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ସେଠୀ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଣ୍ଡିଆଗୋଠ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସର୍ବ ହେମେନ୍ଦ୍ର ମହାନ୍ତି, ଅହଲ୍ୟା ଜେନା, ଧକୋଠା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ସେଣ୍ଠ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ମଦନ ମୁଦୁଲି, ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଶୋକ ବରାଳ ପ୍ରମୁଖ ଯୋଗଦେଇଥିଲେ। ବିଦାୟୀ ଶିକ୍ଷକ ତଥା ଏବେ ଆନନ୍ଦପୁର ବ୍ଲକର ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ଅତୁଲ ବଳଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ, ବୀଣାପାଣି ସାହୁ ଓ ସୁଶ୍ରୀ ନିତ୍ୟପ୍ରିୟ ସେଠୀ ଅତୁଲ ସାରଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

# ୨୦ନଂ ଜାତୀୟ ରାଜପଥରେ ଗଡ଼ୁଛି ମୁଣ୍ଡ

ଆନନ୍ଦପୁର, ୨୨।୧୧(ସମିସ)

ବାରମ୍ବାର ଦୁର୍ଘଟଣା ଘଟିବା ପରେ ୨୦ ନମ୍ବର ଜାତୀୟ ରାଜପଥ ଶାଳପଡ଼ା ନିକଟରେ ଦୁଇଟି ସ୍ଥାନରେ ରାସ୍ତାରେ ଡାଇଭର୍ସନକୁ ବନ୍ଦ କରି ଦିଆଯାଇଛି।

### ଡାଇଭର୍ସନ ବନ୍ଦ କରି କର୍ତ୍ତୃପକ୍ଷ ଚୁପ୍



ଅଦ୍ୟାବଧି ଏନଏଚଆଇ ପକ୍ଷରୁ ରାସ୍ତା ନିର୍ମାଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏପଟେ ଏକ ପାଖିଆ ରାସ୍ତା ଏବେ ଖପରାଖାଇ ଠାରୁ ବେଲବାହାଳି ପର୍ଯ୍ୟନ୍ତ ଲମ୍ବିଥିବାବେଳେ ପାଦେ ପାଦେ ବିପଦ ରହିଛି। ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଜିଲ୍ଲାକୁ ସଂଯୋଗ କରୁଥିବା ପ୍ରମୁଖ ଛକ ଶାଳପଡ଼ାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦ନମ୍ବର ଜାତୀୟ ରାଜପଥର ଖପରାଖାଇ ବାଇପାସ ଠାରୁ ଶାଳପଡ଼ା, ବାରିଗାଁ ପର୍ଯ୍ୟନ୍ତ ଗୋଟିଏ ପଟ ରାସ୍ତା ଅସମ୍ପୂର୍ଣ୍ଣ ରହିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଚାରିବର୍ଷ ମଧ୍ୟରେ ଏହି ରାସ୍ତାରେ ୧୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଗତ ୩ ତାରିଖରେ ବାରିଗାଁ ଡାଇଭର୍ସନ ନିକଟରେ ବାଇକ୍ ସହ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ଦୁଇଭାଇଙ୍କ ସମେତ ତିନିଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଗତ ୭ ତାରିଖ ଅପରାହ୍ନରେ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ସାଇକଲରେ ଯାଉଥିବା ଦେଓଗାଁ ପଞ୍ଚାୟତ ଡିହସାହି ଗ୍ରାମର କନ୍ଟବାସ ନାୟକ (୭୦)ଙ୍କୁ ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଦୁଇଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ଶାଳପଡ଼ା ନିକଟରେ ଏକ ଲୁହାପଥର ବୋଝେଇ ଟ୍ରକ ରାସ୍ତାରୁ ୩୦ଫୁଟ ତଳକୁ ଖସି ପଡ଼ିବାରୁ ଘଟଣାସ୍ଥଳରେ ଡ୍ରାଇଭର ଅସ୍ତରଙ୍ଗ ଅଞ୍ଚଳର ବିଷ୍ଣୁ ବାରିକଙ୍କ ମୃତ୍ୟୁ ହୋଇଥିଲା। ଲୋକଙ୍କ ଦାବି ପରେ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଥିବା ଡାଇଭର୍ସନକୁ ବନ୍ଦ କରାଯାଇଥିଲା। ଖପରାଖାଇ ନିକଟରେ ମାଟି ପକାଯାଇ ରାସ୍ତା ବନ୍ଦ କରାଯାଇଥିଲା। ଫଳରେ ଏକ ପାଖିଆ ରାସ୍ତା ଏବେ ଖପରାଖାଇ ଠାରୁ ବେଲବାହାଳି ପୋଲ ପର୍ଯ୍ୟନ୍ତ ଲମ୍ବିଛି। ଏହି ରାସ୍ତାରେ ଅତ୍ୟନ୍ତ ବିପଦଜନକ ଭାବେ ବାଇକ, ସାଇକଲ ଆରୋହୀମାନେ ଯାତାୟତ କରୁଛନ୍ତି। ଗତ ୮ ତାରିଖରେ ଆନନ୍ଦପୁର ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ, ଜିଲ୍ଲା ପରିବହନ ଅଧିକାରୀ ଗୋପାଳଚନ୍ଦ୍ର ଦାଶ, ଏନଏଚଆଇ ଅଧିକାରୀ ଆଶିଷବାଲା ପ୍ରମୁଖ ଖପରାଖାଇ ଠାରୁ ବେଲବାହାଳି ପର୍ଯ୍ୟନ୍ତ ରାସ୍ତାକୁ ଅନୁଧ୍ୟାନ କରିଥିଲେ। ଏହାପରେ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ରାସ୍ତାକୁ ବ୍ୟାରିକେଡ ଦେଇ ବନ୍ଦ କରାଯାଇଥିବା ବେଳେ ଖପରାଖାଇ ନିକଟରେ ମାଟି ପକାଇ ରାସ୍ତା ବନ୍ଦ କରାଯାଇଛି।

ତେବେ ବାରିଗାଁ ନିକଟରେ କେହି ଗୋଟିଏ ବ୍ୟାରିକେଡକୁ ଖସାଇ ଦେଇଥିବାରୁ ଗଳାବାଟ ଦେଇ ବାଇକ ଆରୋହୀମାନେ ଯାତାୟତ କରୁଛନ୍ତି। ଇତି ମଧ୍ୟରେ ୧୫ ଦିନ ବିତିଯାଇଥିଲେ ମଧ୍ୟ ଏନଏଚଆଇ ପକ୍ଷରୁ ରାସ୍ତା ନିର୍ମାଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହାର ପ୍ରତିବାଦରେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣାଯାଇଛି।

# ବନସୁରକ୍ଷା ସମିତିକୁ ମିଳିଲା ୨ ଲକ୍ଷ ଟଙ୍କା ଆବର୍ତ୍ତନ ପାଣ୍ଠି



**ଘସିପୁରା, ୨୨।୧୧(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ନାନିକାବାହାଳୀ ଆଦିବାସୀ ବସ୍ତିର ଲୋକେ ବନ ସୁରକ୍ଷା ସମିତି ଗଠନ କରି ଜଙ୍ଗଲ ସୁରକ୍ଷାରେ ବ୍ରତୀ ହୋଇଛନ୍ତି। ବସ୍ତି ବାସିନ୍ଦାଙ୍କୁ ସ୍ୱାବଲମ୍ବୀ କରିବାକୁ ଜଙ୍ଗଲ ବିଭାଗ ପକ୍ଷରୁ ବନସୁରକ୍ଷା ସମିତି ଜରିଆରେ ଦୁଇ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଛି। ଏହି ପାଣ୍ଠିର ସୁବିନିଯୋଗ କରାଯିବାକୁ ଭିଏସଏସ୍‌ର ସଭାପତି ମିଟୁ ପୂର୍ତ୍ତୀଙ୍କ ସଂଯୋଜନାରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଅତିଥି ଭାବେ ସ୍ଥାନିୟ ଫରେଷ୍ଟର ମଳୟ କୁମାର ସାହୁ, ଫରେଷ୍ଟଗାର୍ଡ ଜ୍ୟୋସ୍ନାରାଣୀ ଜେନା, ଆମ ଜଙ୍ଗଲ ଯୋଜନାର ଉନ୍ନୟନ ଅଧିକାରୀ ନରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ବନ ସୁରକ୍ଷା ସମିତିର ଭୂମିକାକୁ ପ୍ରଶଂସା କରିଥିଲେ। ବନସୁରକ୍ଷା ସମିତିର ସଦସ୍ୟମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣି ସେମାନଙ୍କୁ ସ୍ୱାବଲମ୍ବି କରାଯିବାକୁ ଆବର୍ତ୍ତନ ପାଣ୍ଠିର ବ୍ୟବସ୍ଥା କରାଯିବା ସହ ଏହାର ସୁବିନିଯୋଗ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସଦସ୍ୟମାନେ ଋଣ ଆକାରରେ ଆବର୍ତ୍ତନ ପାଣ୍ଠିକୁ ବିନିଯୋଗ କରି ଛତୁ, ବଡ଼ି, ପାମ୍ପଡ ପ୍ରଭୃତି ତିଆରି କରି ବିକ୍ରିବଟା କରି ସେଥିରୁ ଦି ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଫରେଷ୍ଟର ଶ୍ରୀ ସାହୁ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋପିନାଥ ମୁଣ୍ଡା, ଶୁଶିଳା ମୁଣ୍ଡା, ସାହିବାଣୀ ମୁଣ୍ଡା, ଗୁରୁବାରୀ ସଏ, ସନିତା ମୁଣ୍ଡା, ଲାଲୁ ମୁଣ୍ଡା, ସାଲନି ମୁଣ୍ଡା, ଅନିତା କୁଲୁଆ, ଦର୍ଶନ ମୁଣ୍ଡା ସମେତ ଅନେକ ସାହି ବାସିନ୍ଦା ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

# ସାଇଁକୁଳ ହିଙ୍ଗୁଳା ନାଟ୍ୟ ସଂସଦ ପ୍ରଥମ



**ଘଷିପୁରା, ୨୨।୧୧(ସମିସ):** ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ସାଇଁକୁଳ ସ୍ଥିତ ହିଙ୍ଗୁଳା ନାଟ୍ୟ ସଂସଦ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିବା ସହ କଳା ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଯାଜପୁର ଜିଲ୍ଲା ମୁଟୁଙ୍ଗାପାଳ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ୫ ଦିନ ବ୍ୟାପି ଅନୁଷ୍ଠିତ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବଛାବଛା ୧୦ଟି ନାଟ୍ୟ ସଂସଦ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ସାଇଁକୁଳ ହିଙ୍ଗୁଳା ନାଟ୍ୟ ସଂସଦ ପକ୍ଷରୁ ପରିବେଷିତ ନାଟକ 'ଚନ୍ଦନ ମୋ ପାଇଁ କଳଙ୍କ ଟୀକା' ଶ୍ରେଷ୍ଠ ନାଟକ ଭାବେ ବିବେଚିତ ହୋଇଥିଲା। ଅତିଥିଙ୍କ ଗହଣରେ ହିଙ୍ଗୁଳା ନାଟ୍ୟ ସଂସଦଙ୍କୁ ଟ୍ରଫି ସହ ପ୍ରଥମ ପୁରସ୍କୃତ କରାଯାଇଥିଲା। ହିଙ୍ଗୁଳା ନାଟ୍ୟ ସଂସଦର ଉଚ୍ଚକୋଟୀର ସଂଳାପ, ନିଖୁଣ ଅଭିନୟ ବିଚାରକ ମଣ୍ଡଳୀ ତଥା ଉପସ୍ଥିତ ଦର୍ଶକଙ୍କୁ ବେଶ ବାନ୍ଧି ରଖିଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶ୍ୱିନୀ ସାହୁ, ନାୟକ ଭାବେ ନିହାର ରଞ୍ଜନ ପରିଡ଼ା, ନାୟିକା ବନ୍ଦୀ ନାୟକ, ଚରିତ୍ର ଅଭିନେତା ତ୍ରିଲୋଚନ ପରିଡ଼ା, ଅଭିନେତ୍ରୀ ରେଣୁବାଳା ଦାସ, କାଦମ୍ବିନୀ, ଯୁବ ଚରିତ୍ର ଅଭିନେତା ଆଲୋକ ଦାସ, ସନ୍ତୋଷ ପଣ୍ଡା, ଖଳନାୟକ ସିଦ୍ଧାନ୍ତ ପରିଡ଼ା, ହାସ୍ୟ ଅଭିନେତା ଦୟାନିଧି ଦାସ, ଲାଲମୋହନ ସା, ସଙ୍ଗୀତ ବିପିନ ସାର, ଦୀପକ, ସହଯୋଗୀ କଳାକାର ଭାବେ କ୍ଷିରୋଦ ପରିଡ଼ା, ନୃସିଂହ ରଣା, ଗୋପବନ୍ଧୁ ଦାସ, ଚନ୍ଦ୍ର ଶେଖର ବେହେରା, ମାନସ ପରିଡ଼ା, ଅଜିତ ପଟ୍ଟନାୟକ, ଦେବଦତ୍ତ ପଟ୍ଟନାୟକ, ପ୍ରତାପ ମହାନ୍ତି, ରତ୍ନାକର ବିଶ୍ୱାଳ ପ୍ରମୁଖ ଉଚ୍ଚ ପ୍ରଶଂସିତ ହୋଇଥିଲେ।

## ମୁଥୁଟ୍ ଲିମିଟେଡର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଘଷିପୁରା, ୨୨।୧୧(ସମିସ):** କେନ୍ଦୁଝର ଜିଲ୍ଲା ଘଷିପୁରା ଠାରେ ମୁଥୁଟ ମର୍ଚ୍ଚାନେଟ ଲିମିଟେଡ୍ ପକ୍ଷରୁ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଆନନ୍ଦପୁର ଉପଖଣ୍ଡର ଲୋକମାନେ କିପରି ସୁବିଧାରେ ସୁନା ଋଣ ପାଇପାରିବେ ସେଥିପାଇଁ ଘଷିପୁରା ଠାରେ ଏହି କାର୍ଯ୍ୟାଳୟ ଖୋଲାଯାଇଛି। ଆଜିର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ଦେବାଶିଷ ପାତ୍ର ଯୋଗଦେଇ ଫିତା କାଟି ଶୁଭାରମ୍ଭ କରିଛନ୍ତି। ଶାଖା ଜେନେରାଲ ମ୍ୟାନେଜର ଅଶୋକ ସାମନ୍ତରାୟ, ସହଯୋଗୀ ରିଜିଓନାଲ ମ୍ୟାନେଜର ମୋମିନ ସିଂହା, ଭିଜିଲାନ୍ସ ଅଫିସର ଗୁନାମଣି ନାୟକ, ଶାଖା ପରିଚାଳକ ସତ୍ୟବ୍ରତ ଗୁଇଁ, ଏରିଆ ମ୍ୟାନେଜର ପ୍ରଦୀପ ପଣ୍ଡା ସମେତ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।

# ଜରଦା ଗ୍ରାମରେ ରାହାସ ଉତ୍ସବ ଆରମ୍ଭ

**ଘଷିପୁରା, ୨୨।୧୧(ସମିସ):** ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମରେ ପ୍ରତିବର୍ଷ ପରି ଚଳିତ ୧୧୬ ତମ ବାର୍ଷିକ ଶ୍ରୀରାଧାକୃଷ୍ଣ ଜୀଉଙ୍କ ପୂଜା ଓ ରାହାସ ଉତ୍ସବ ଆରମ୍ଭ ହୋଇଛି। ମୁଖ୍ୟକର୍ତ୍ତା ଭାବେ କାର୍ତ୍ତିକ ବିଶ୍ୱାଳ ଉପବାସ ବ୍ରତ ରଖି ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି। ବ୍ରାହ୍ମଣ ବିଚିତ୍ରାନନ୍ଦ ଦାଶ ମୃଣ୍ମୟୀ ମୂର୍ତ୍ତିରେ ଜୀବନ୍ୟାସ ଦେବା ସହିତ ପୂଜା କାର୍ଯ୍ୟ ଆରମ୍ଭ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ପୂଜା ମଣ୍ଡପ ସହିତ ଗ୍ରାମ ମଧ୍ୟ ସ୍ଥଳକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ସୋମବାର ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପୂଜାରେ ପ୍ରତ୍ୟେକ ଦିନ ବ୍ରାହ୍ମଣ ବାବାଜୀ ଆଚାର୍ଯ୍ୟଙ୍କ ଦ୍ୱାରା ହରିବଂଶ ପୁରାଣ ପଠନ ସହିତ ସନ୍ଧ୍ୟାରେ ଭଜନ କୀର୍ତ୍ତନର ଆସର ଜମୁଛି, ମନୋରଞ୍ଜନ ପାଇଁ ଶ୍ରୀରାଧାକୃଷ୍ଣ ଜୀଉ ନାଟ୍ୟ ଯୁବ ପରିଷଦ ଦ୍ୱାରା ଶନିବାର ଏବଂ ରବିବାର ଦୁଇ ରାତ୍ର ମୁକ୍ତ ମଞ୍ଚ ନାଟକ ପରିବେଷଣର କାର୍ଯ୍ୟକ୍ରମ ରହିଅଛି। ପାଞ୍ଚ ଦିନ ଯାଏଁ ପ୍ରଭାତରୁ ଗ୍ରାମବାସୀ ସ୍ନାନ କାର୍ଯ୍ୟ ସାରି ଗ୍ରାମ ଦେବା ଦେବୀଙ୍କୁ ଦର୍ଶନ କରିଥାନ୍ତି। ଏହା ଦ୍ୱାରା ଅନେକ କୃପା ମିଳିଥାଏ ବୋଲି ବିଶ୍ୱାସ ରହି ଆସିଛି। ସମସ୍ତ କାର୍ଯ୍ୟକ୍ରମକୁ ପ୍ରମୋଦ ବଳ, କଳାକର ରାଉତ, ଅମୂଲ୍ୟ ଜେନା, ରଘୁନାଥ ଓଝା ଓ ଗ୍ରାମବାସୀ ମିଳିତ ଭାବେ ପରିଚାଳନା କରୁଛନ୍ତି।



## ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ଦାନକଲେ ପୁରାତନ ଛାତ୍ରୀ



**ଆନନ୍ଦପୁର, ୨୨।୧୧(ସମିସ):** ଘସିପୁରା ଝାଡେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରୀ ରାସମଣି ବେହେରା ବିଦ୍ୟାଳୟକୁ ଏକ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥର ବାର୍ଷିକ ସୁଧକୁ ପ୍ରୋତ୍ସାହନ ରାଶି ଭାବରେ ବିଦ୍ୟାଳୟର ଦଶମଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ନିଜର ପିତା ସ୍ୱର୍ଗତ ଯୁଧିଷ୍ଠିର ବେହେରା ଓ ମା ସ୍ୱର୍ଗତ ଗୁଣ୍ଠ ବେହେରାଙ୍କ ସ୍ମୃତିରେ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି। ବିଦ୍ୟାଳୟ କମିଟି ସଭାପତି ଆଇନଜୀବି ମନୋରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇ ଏ ନେଇ ପ୍ରସ୍ତାବ ଗୃହୀତ ହୋଇଛି। ଶ୍ରୀମତୀ ବେହେରା ଏକ ଲକ୍ଷ ଟଙ୍କାର ଚେକ୍ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ଘଡେଇଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ତାଙ୍କ ସାନ ଭାଇ ଆଇନଜୀବି ହେମରଞ୍ଜନ ବେହେରା, ବଡଭଉଣୀ ସଂଯୁକ୍ତା ବେହେରା, ଦିଅର ଆନନ୍ଦପୁର ବ୍ଲକର ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ



କେନ୍ଦୁଝର, ୨୨।୧୧(ସମିସ)

ଜିଲ୍ଲା ପ୍ରଶାସନ, କେନ୍ଦୁଝର ଏବଂ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ବୁଧବାର ଦିନ ପ୍ରଥମ ପର୍ଯ୍ୟାୟରେ ୮ଟି ବ୍ଲକ ଯଥା ଯୋଡା, ଝୁମ୍ପୁରା, ତେଲକୋଇ, ବାଂଶପାଳ, ସାହାରପଡ଼ା, ପାଟଣା, ଚମ୍ପୁଆ ଓ ସଦର ବ୍ଲକ ନିମନ୍ତେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରାୟ ୩୫ଟି ଘରୋଇ ସଂସ୍ଥାମାନେ ଆସି ସେମାନଙ୍କ ସଂସ୍ଥାର ଆବଶ୍ୟକ ପଦ ପଦବୀ ପାଇଁ ପ୍ରାର୍ଥୀ/ପ୍ରାର୍ଥିନୀ ଚୟନ କରିଛନ୍ତି।

ଏଥିରେ କେନ୍ଦୁଝର ଜିଲ୍ଲାର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ଯଥା-ରୁଙ୍ଗଟା, ଜେଏସ୍‌ଡବ୍ଲ୍ୟୁ, ଆରଡେ ଷ୍ଟିଲ, ଓଏସ୍‌ଆଇଏଲ୍, ଜେଏସ୍‌ପିଏଲ, ବିଆର୍‌ପିଏଲ୍, ଆର୍ଯ୍ୟା ଷ୍ଟିଲ, ଟାଟା ଷ୍ଟିଲ, ଦି ୱାଲର୍ଡ ବିଜନେସ, ଏସେଲ୍‌ଫ ମାଇନିଂ ପ୍ରମୁଖ ନିଜ ସଂସ୍ଥା ନିମନ୍ତେ ପ୍ରାର୍ଥୀ/ପ୍ରାର୍ଥିନୀ ଚୟନ ପ୍ରକ୍ରିୟାରେ ଭାଗ ନେଇଥିଲେ। ଏହି ନିଯୁକ୍ତି ମେଳାରେ ସର୍ବମୋଟ ୬୫୨ ଜଣ ନିଯୁକ୍ତି ଆଶାୟୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୬୫ ଜଣଙ୍କୁ ନିଯୁକ୍ତି ନିମନ୍ତେ ଚୟନ କରାଯାଇଛି। ଏହି ମେଳାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝରର ଅଧ୍ୟକ୍ଷ ଘନଶ୍ୟାମ ଧୁରିଆ ଯୋଗଦେଇଥିଲେ। ଏହି ମେଳାକୁ ସଫଳତାର ସହ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଗଣେଶ୍ୱର ନାୟକ ଏବଂ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ, କେନ୍ଦୁଝରର କର୍ମଚାରୀ ବୃନ୍ଦ ପରିଚାଳନା କରିଥିଲେ।

# ତରୁଆଁରେ ଅନୁସୂଚିତ ବର୍ଗଙ୍କୁ ପିଇବା ପାଣି ମନା

**ଆନନ୍ଦପୁର, ୨୨।୧୧(ସମିସ):** ଘଷିପୁରା ବ୍ଲକ ତରୁଆଁ ଗ୍ରାମରେ ଶହେଟି ଅନୁସୂଚିତ ଜାତିର ପରିବାରକୁ ଉଦ୍ଦେଶ୍ୟମୂଳକ ଭାବେ ପିଇବା ପାଣିରୁ ବଞ୍ଚିତ କରାଯାଇଛି। ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରୁନାହିଁ। ପୂର୍ବରୁ ଏହାର ପ୍ରତିବାଦରେ ଗ୍ରାମର ମହିଳାମାନେ ଗ୍ରାମରେ ଥିବା ଓଭରହେଡ୍ ପାଣିଟାଙ୍କି ଓ ପମ୍ପ ହାଉସରେ ତାଲା ପକାଇବା ସହ ଘସିପୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଦ୍ୟାବଧି ଏହି ସମସ୍ୟାର ସମାଧାନ ହୋଇପାରିନାହିଁ।



ସୂଚନାନୁଯାୟୀ, ତରୁଆଁଗ୍ରାମରେ ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ଅନୁସୂଚିତ ଜନଜାତି ପରିବାର ବାସ କରୁଛନ୍ତି। ଏହି ସାହିକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ସଂଯୋଗ କରାଯାଇଛି। ଗ୍ରାମର କିଛି ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ସାହିକୁ ଯାଇଥିବା ପାଇପ୍‌ରେ ପାଣି ବନ୍ଦ କରୁଛନ୍ତି। ଫଳରେ ଲୋକେ ବାଧ୍ୟ ହୋଇ ପୋଖରୀର ଦୂଷିତ ପାଣି ପିଉଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସାହିର ମହିଳାମାନେ ଗରା, ବାଲଟି ଧରି ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ପହଞ୍ଚିଥିଲେ। ସେ ଆସୁଥିବା ଜାଣି କିଛି ସମୟ ପାଇଁ ସାହିକୁ ଜଳ ଯୋଗାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣି ବନ୍ଦ କରି ଦିଆଯାଇଥିଲା। ତେବେ ଏଭଳି ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଥିବାରୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାହିର ମହିଳାମାନେ ଦାବି କରିଛନ୍ତି।

# ମଦ ସହ ୩ ଗିରଫ

**ସୋର, ୨୨।୧୧(ସମିସ):** ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳେ ସବିରା ଗ୍ରାମର ଦୁର୍ଯ୍ୟୋଧନ ଶିଅଳ ନିକଟରୁ ୧୬ ଲିଟର ଦେଶୀମଦ, ବଡ଼ଖୁରୀ ଗୋପାଳପୁର ଗ୍ରାମର ଲକ୍ଷ୍ମୀ ସିଂ ନିକଟରୁ ୮ ଲିଟର ଦେଶୀମଦ ଏବଂ ନୂଆଗାଁ ଗ୍ରାମର ଭୀମସେନ ଖଣ୍ଡା ନିକଟରୁ ୩୨ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ।

# ଶ୍ରୀ ଶିରିଡ଼ି ସାଇବାବା ସେବା ସମିତିର ବୈଠକ

**ସୋର, ୨୨।୧୧(ସମିସ):** ସୋର ସାଇ ନିର୍ମାଲ୍ୟ କାର୍ଯ୍ୟାଳୟ ପରିସରରେ ସୋରର ଶ୍ରୀ ଶିରିଡ଼ି ସାଇବାବା ସେବା ସମିତିର ଏକ ଜରୁରୀ ବୈଠକ ସ୍ୱାଗତିକା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ. ସୁଦର୍ଶନ ସେଣ୍ଠି, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଶୁକଦେବ ନାୟକ, ଅନନ୍ତ ପ୍ରସାଦ ନାୟକ, ମଧୁସୂଦନ ନାୟକ, ଏକାଦଶୀ ଶିଅଳ, ଦିଲ୍ଲୀପ ଦେ, ନିରଞ୍ଜନ ପାତ୍ର, ଯୁଧିଷ୍ଠିର ରାଉତ, ନିରଞ୍ଜନ ବରାଳ, ଶିବ ପ୍ରସାଦ ଭୋଇ, ସୁରେନ୍ଦ୍ର ପାଲ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ସୁବାଷ ଚନ୍ଦ୍ର ଦାସ, ଶଶିକାନ୍ତ ପ୍ରଧାନ, ଶଶିକାନ୍ତ ଶତପଥୀ, ନିରାକାର ପାଣିଗ୍ରାହୀ, ନରେନ୍ଦ୍ର ନାୟକ, ସୁଶାନ୍ତ ପଣ୍ଡା, ମାନସ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆସନ୍ତା ଡିସେମ୍ବର ୧୭ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା।

# ସ୍କୁଲରେ ତାଲା, ବାହାରେ ପିଲା



- ଠିକ୍ ସମୟରେ ସ୍କୁଲକୁ ଆସୁନାହାନ୍ତି ଶିକ୍ଷକ
- ଖଡୁପାହି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

**ବାହାନଗା, ୨୨।୧୧(ସମିସ):**

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ତୁଣ୍ଡରା ପଞ୍ଚାୟତରେ ଥିବା ଖଡୁପାହି ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ନିର୍ଦ୍ଦିଷ୍ଟ ସମୟରେ ସ୍କୁଲକୁ କୌଣସି ଶିକ୍ଷକ ଆସି ନ ଥିବା ବେଳେ ସ୍କୁଲରେ ତାଲା ଲାଗିଥିବା ବେଳେ ପିଲା ବାହାରେ ବସିବା ସହ ବୁଲୁଥିବାର ଦେଖିବାକୁ ମିଳିଛି। ଖବର ଅନୁସାରେ ରେମୁଣା ବ୍ଲକ ତୁଣ୍ଡରାରେ ଖଡୁପାହି ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୯୬୪ ମସିହାରେ ପ୍ରତିଷ୍ଠା ହୋଇଥିଲା। ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ପର୍ଯ୍ୟନ୍ତ ସମୁଦାୟ ୧୫୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ। ଏହି ସ୍କୁଲରେ ସମୁଦାୟ ୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ବେଳେ ସେଥିରୁ ଜଣେ ସିଆରସିସି ଦାୟିତ୍ୱରେ ଥିବା ବେଳେ ଅନ୍ୟ ଜଣେ ନିକଟସ୍ଥ ଦେଉଳିଆବାଡ଼ ସ୍କୁଲକୁ ସପ୍ତାହରେ ୩ ଦିନ ଡେପୁଟେସନରେ ଯାଉଛନ୍ତି। ରେଗୁଲାର ଭାବେ ୪ ଜଣ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛନ୍ତି। ଏପରିସ୍ଥଳେ ଆଜି ୧୦.୨୦ ପର୍ଯ୍ୟନ୍ତ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ସ୍କୁଲକୁ ଆସି ନ ଥିବା ବେଳେ ସ୍କୁଲରେ ତାଲା ପଡ଼ିଥିବା ବେଳେ ବାହାରେ ଛିଡ଼ା ହୋଇ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ ଛାତ୍ରଛାତ୍ରୀ। ଅନ୍ୟପଟେ ପ୍ରାୟତଃ ପ୍ରତ୍ୟକ ଦିନ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲକୁ ସଠିକ ସମୟରେ ନ ଆସି ମନଇଚ୍ଛା ଭାବେ ସାଢ଼େ ୧୦ଟାରୁ ୧୧ ଟା ମଧ୍ୟରେ ଆସୁଥିବାର ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଆଜି ସ୍କୁଲରେ ୧୦.୨୦ ସମୟରେ ପ୍ରଧାନଶିକ୍ଷକ ଅରୁଣ କୁମାର ଦାସ ପହଞ୍ଚିଥିବା ବେଳେ ଅନ୍ୟ ଶିକ୍ଷକମାନେ ପରେ ପହଞ୍ଚିଥିଲେ। ଏନେଇ ପ୍ରଧାନଶିକ୍ଷକ ଅରୁଣ କୁମାର ଦାସଙ୍କୁ ସ୍କୁଲ ବିଳମ୍ବରେ ତାଲା ଖୋଲାଯିବା ସମ୍ପର୍କରେ ପଚାରିବାରୁ ସେ ଆଜି ଅଭିଭାବକ ମାନଙ୍କର ମିଟିଂ ଥିବାରୁ ବିସ୍କୁଟ ଆଣି ଆସୁଥିଲି, ସେଥିପାଇଁ ବିଳମ୍ବ ହେଲା ବୋଲି କହିବା ସହ ଅନ୍ୟ ଶିକ୍ଷକମାନେ କେଉଁ କାରଣରୁ ବିଳମ୍ବରେ ଆସୁଛନ୍ତି ବୋଲି ପଚାରିବାରୁ ଦୂରରୁ ଆସୁଛନ୍ତି ସେଥିପାଇଁ ବିଳମ୍ବ ହେଉଛି କହି ସଫେଇ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କୁ ଗଢ଼ାଯାଉଥିବା ବିଦ୍ୟାର ମନ୍ଦିର ସ୍କୁଲରେ ଯଦି ଶିକ୍ଷକମାନଙ୍କର ସମାୟାନୁବର୍ତ୍ତିତା ନ ରହିବ ପିଲାମାନେ କଣ ଶିଖିବେ ବୋଲି ବୁଦ୍ଧିଜୀବି ମହଲରେ ପ୍ରଶ୍ନ ଉଠିଛି। ଏ ବାବଦରେ ବିବାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ବାବଦରେ ପ୍ରତିକ୍ରିୟା ପାଇଁ ରେମୁଣା ବ୍ଲକ ଶିକ୍ଷାଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ। ଅନ୍ୟପଟେ ବ୍ଲକ ସଦର ମହକୁମା ଠାରୁ ଦୀର୍ଘ ୪୦ରୁ ୫୦ କିମି ଦୂରରେ ଏହି ବିଦ୍ୟାଳୟ ଥିବାରୁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବା ଚର୍ଚ୍ଚା ହେଉଛି।

# ସମୃଦ୍ଧି ଯୋଜନା ତାଲିମ କାର୍ଯ୍ୟକ୍ରମ

**ଜଳେଶ୍ୱର ବ୍ଲକ, ୨୨।୧୧(ସମିସ):** ଛାତ୍ରଛାତ୍ରୀଙ୍କ ଶିକ୍ଷାର ମୂଳ ଗଠନ କରିବା ପାଇଁ ସମୃଦ୍ଧି ଯୋଜନା ଆରମ୍ଭ ହୋଇଛି। ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦ ରୁ ୨୨ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଜଳେଶ୍ୱର ଏବିଇଓ ଅଜୟ ଜେନା ଓ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ। ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଦ୍ୱିତୀୟ ଦିନ ତାଲିମ କାର୍ଯ୍ୟକ୍ରମରେ ଆରପି ସବିତା ପାଠି, ସ୍ୱପ୍ନିତା ନାୟକ, ସୁବ୍ରତ ସେନାପତି ଓ ଅଜୟ ବାରିକ ପ୍ରମୁଖ ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ସରକାରଙ୍କ ଏଭଳି ଅଭିନବ ଯୋଜନାକୁ ସମସ୍ତେ ସ୍ୱାଗତ ଜଣାଇଥିଲେ।

# ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

**ଜଳେଶ୍ୱର ବ୍ଲକ, ୨୨।୧୧ (ସମିସ):** ଜଳେଶ୍ୱରସ୍ଥିତ ଦୀନକୃଷ୍ଣ ସ୍ମୃତି ପରିଷଦର ମିନା ମଣ୍ଡଳୀ ପକ୍ଷରୁ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ପରିସରରେ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଛି। ସେହିପରି ଖୁଲୁଡା ଶୀତଳା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଅନ୍ୟ ଏକ ଜୟନ୍ତୀ ସଭାରେ ପ୍ରଧାନଶିକ୍ଷକ ଡ. ଅଜିତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥିଭାବେ ମିନା ମଣ୍ଡଳୀର ସଭାପତି ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, କବି ବ୍ରଜେନ୍ଦ୍ର ଗିରି, ଶରତ ପରିଡ଼ା, ବସନ୍ତ ଦାସ, ରଞ୍ଜନ ଘୋଷ, ଅଧ୍ୟାପିକା ଇନ୍ଦୁମତୀ ଗିରି ପ୍ରମୁଖ ଦିଗାମ୍ବରୀ ଦେବୀ ଶିକ୍ଷାନୁଷ୍ଠାନରେ ଆୟୋଜିତ ସଭାରେ ବକ୍ତବ୍ୟ ରଖିଥିଲେ। ସଞ୍ଜୟ ପାକଳ, ସୁଜିତ୍ ସେଠୀ, ମୌସୁମୀ ଗୁପ୍ତା, ଅଞ୍ଜନ ପ୍ରଧାନ, ସଞ୍ଜିବ ଗିରି, କମଳାକାନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ଗିରି ପ୍ରମୁଖ ଶୀତଳା ହାଇସ୍କୁଲ ପରିସରରେ ବକ୍ତବ୍ୟ ରଖିଥିଲେ।

# ନୀଳଗିରି କଲେଜରେ ସଚେତନତା କାର୍ଯ୍ୟକ୍ରମ

**ନୀଳଗିରି, ୨୨।୧୧(ସମିସ):** ବାଲ୍ୟ ବିବାହକୁ ବନ୍ଦ କରିବା ଓ ସୁସ୍ଥ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ନାଳଗିରି କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ନୀଳଗିରି ସହର ପରିକ୍ରମା କରିବା ସହ ବାଲ୍ୟ ବିବାହ ବନ୍ଦ କରିବା ସୁସ୍ଥ ସମାଜ ଗଠନ କରିବା ସ୍ଲୋଗାନ ଦେଇ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିରେଶ ପଣ୍ଡା, ସୁବ୍ରତ ନାୟକ, ନଳିନୀ ପାଢ଼ୀ, ଅଶୋକ ମାଝୀ, ପ୍ରଦୀପ ଜେନା, ଅଧ୍ୟାପିକା କିରଣବାଳା ସେଠୀ, ରୋଜିନା ରୋଜାଲିନ, ସଙ୍ଗୀତା ପାତ୍ର, ବାସନ୍ତୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଚନ୍ଦନେଶ୍ୱର, ୨୨।୧୧(ସମିସ):** ଭୋଗରାଇ ବ୍ଲକ ଗୋଛିଦାତେଘରି ପଞ୍ଚାୟତର ସେହି ଗ୍ରାମର ଜଣେ ଶିକ୍ଷାବିତ, ସନ୍ୟାସୀ, ଧର୍ମ ପ୍ରଚାରକ, ଦୀକ୍ଷା ଗୁରୁ, ବୈଷ୍ଣବ ଧର୍ମଗୁରୁ ନନ୍ଦଦୁଲାଲ ଦାସ ଅଧିକାରୀ (୮୩)ଙ୍କୁ ସମାଧିସ୍ଥ କରାଯାଇଛି।



ପ୍ରକାଶ ଯେ ଗତ ୫ଦିନ ଧରି ସେ ବାଲେଶ୍ୱର ଠାରେ ଚିକିତ୍ସିତ ହେଉଥିଲା ବେଳେ ହୃତଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତାଙ୍କ ମୃତ୍ୟୁ ସମ୍ବାଦ ପାଇ ସ୍ଥାନୀୟ ଅଞ୍ଚଳରେ ତଥା କିଆଁଗଡ଼ିଆ ଆଶ୍ରମ ପରିସରରେ ଗଭୀର ଶୋକର ଛାୟା ଖେଳିଯାଇଛି। ଶ୍ରୀ ଅଧିକାରୀ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ ପ୍ରଧାନଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କର ମୃତ୍ୟୁ ସମ୍ବାଦ ପାଇ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଗ୍ରାମବାସୀ, ସଦସ୍ୟ ରାଧାଶ୍ୟାମ ଦେ, ଲକ୍ଷ୍ମୀକାନ୍ତ ପାତ୍ର, ଶଶିକାନ୍ତ ପାତ୍ର, କିଆଁ ଗଡ଼ିଆ ଆଶ୍ରମର ମହନ୍ତ ବ୍ରଜଗୋବିନ୍ଦ ଦାସ ଅଧିକାରୀ ଆଦି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଓଡ଼ିଶାର ସୀମାନ୍ତରେ ଥିବା କିଆଁଗଡ଼ିଆ ଆଶ୍ରମର ଗୋସ୍ୱାମୀ, ମାଁ ଗୋସ୍ୱାମୀଙ୍କ ସମେତ ଅନ୍ୟ ଭକ୍ତମାନେ ଉପସ୍ଥିତ ହୋଇ ତାଙ୍କୁ ଗୋଛିଦାତେଘରି ସ୍ଥିତ ବାସଭବନରେ ସମାଧିସ୍ଥ କରିଥିଲେ।

# ୩୭ ବର୍ଷରେ ସାତଗୋହାଳିଆ ଜଗଦ୍ଧାତ୍ରୀ ପୂଜା



**ଭୋଗରାଇ, ୨୨।୧୧(ସମିସ):** ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଜଗଦ୍ଧାତ୍ରୀ ୟୁଥ କ୍ଲବ ଓ ସାତଗୋହାଳିଆ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଆସୁଥିବା ସାର୍ବଜନୀନ ଜଗଦ୍ଧାତ୍ରୀ ପୂଜା ୩୭ ବର୍ଷରେ ପଦାର୍ପଣ କରିଛି। ଚଳିତ ବର୍ଷ ଏହା ମହାଆଡମ୍ବରରେ ପାଳନ ହେଉଛି। ଏନେଇ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ବର୍ଣ୍ଣାଢ଼୍ୟ ଘଟୋଉଳନ କାର୍ଯ୍ୟକ୍ରମରେ ଶହ ଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ପାରମ୍ପରିକ ବାଦ୍ୟ ବାଜଣା ଓ ଶଙ୍ଖ ହୁଳହୁଳି ମଧ୍ୟରେ ଦେଉଳାହାଟ ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ନୀଳ ପୋଖରୀରୁ ମା'ଙ୍କ ଘଟୋଉଳନ କରାଯାଇଥିଲା। ଏହାପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମା'ଙ୍କ ଜୀବନ୍ତ ପ୍ରତିମୂର୍ତ୍ତି ପୂଜା ସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ୧୪ ଦିନ ଧରି ହେବାକୁ ଥିବା ମେଳା ଓ ବିଭିନ୍ନ ବୈଦ୍ୟୁତିକ କାର୍ଯ୍ୟକ୍ରମ ନେଇ ସମଗ୍ର ଅଞ୍ଚଳରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଛି। ପୂଜା କମିଟି ସଭାପତି ସୁକୁମାର ପାଳ, ସମ୍ପାଦକ ନବୀନ ଜେନା, କୋଷାଧ୍ୟକ୍ଷ ବିଷ୍ଣୁପଦ ଜେନା, ମୂର୍ତ୍ତିଦାତା ରାଧାକୃଷ୍ଣ ଜେନାଙ୍କ ସହିତ ଜଗଦ୍ଧାତ୍ରୀ ୟୁଥ୍ ଆସୋସିଏସନ୍ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଇଂରାଜୀ ଶିକ୍ଷକଙ୍କ ପରଲୋକ

**ସୋର, ୨୨।୧୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଏନଏସି ଉଚ୍ଚ ବିଦ୍ୟାପୀଠର କାର୍ଯ୍ୟରତ ଇଂରାଜୀ ଶିକ୍ଷକ ଅନନ୍ତ ପ୍ରସାଦ ପାଣିଗ୍ରାହୀଙ୍କର ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ମୁଖକର୍କଟ ରୋଗରେ ଆକ୍ରାନ୍ତ ଥିବା ବେଳେ ତିନିମାସ ଧରି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ଦୁଇଦିନ ତଳେ ନିଜ ବାସସ୍ଥାନ କଳମଗାଁ ଗ୍ରାମକୁ ଫେରିଥିବା ବେଳେ ସୋମବାର ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କ ମୃତ୍ୟୁଖବର ପାଇ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ସୋରରେ କାର୍ଯ୍ୟରତ ଏନଏସି ଉଚ୍ଚ ବିଦ୍ୟାପୀଠରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।



ସୋର ପୌରାଧ୍ୟକ୍ଷ ମାଧବ ଧଡ଼ା, ସମାଜସେବୀ ମୁରଲୀଧର କର, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଦାମୋଦର ଦାଶମହାପାତ୍ର, ନିତ୍ୟାନନ୍ଦ ମହାନ୍ତି, ଅଦ୍ୱୈତ ପ୍ରସାଦ କର, ଗଙ୍ଗାଧର ପାଢ଼ୀ, ପ୍ରଭାକର ପାତ୍ର ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପଚନ୍ଦ୍ର ଦାସଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ର/ଛାତ୍ରୀ ଉପସ୍ଥିତ ହୋଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପତ୍ନୀ, ଝିଅ ଓ ପରିବାରର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ଯୁବ ପ୍ରତିଭା ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ନୀଳଗିରି, ୨୨।୧୧(ସମିସ):** ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ପ୍ରତିଭା ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ କ୍ରୀଡା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଉକ୍ତ ଦିବସରେ କ୍ରୀଡା କ୍ଷେତ୍ରରେ ବିଭିନ୍ନ ବିଭାଗରେ ଦୌଡ଼, ଡିସକସ, ଜାଭଲିନ, ହାଇଜମ୍ପ ଶତାଧିକ ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡା ମଶାଲ ଜଳାଇ ଉଦଘାଟିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଖେଳ ପ୍ରଶିକ୍ଷକ ବୀଣାପାଣି ଦାସ ପରିଚାଳନା କରୁଥିବାବେଳେ ଅନ୍ୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ବାଲିମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଭୋଗରାଇ, ୨୨।୧୧(ସମିସ):** ଭୋଗରାଇ ବ୍ଲକର ବାଲିମ ପଞ୍ଚାୟତ ଅନ୍ତର୍ଗତ ବାଲିମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରାକ୍ତନ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବାଲିମ ଗୋପାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜାରାମ ମଲ୍ଲିକ, ସମ୍ମାନିତ ଅତିଥିଭାବେ ନହରା ସିଆରସିସି ଅନିତା ଦାସ, ସାମ୍ବାଦିକ ଅଂଶୁମାନ ରାଉତ, ସରପଞ୍ଚ ଦୀପକ ଜେନା, ପଞ୍ଚାୟତ ସମିତି ସଦସ୍ୟା ଅର୍ଚ୍ଚନା ଧଳ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମମତା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନସ୍କରପୁରରେ ମା' ଜଗଦ୍ଧାତ୍ରୀଙ୍କ ପୂଜା



**ଚନ୍ଦନେଶ୍ୱର, ୨୨।୧୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ନସ୍କରପୁର ଓ ନୟାବଣୀସରିଷା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଶ୍ରୀଶ୍ରୀ ଜଗଦ୍ଧାତ୍ରୀ ମାତାଙ୍କ ପୂଜୋତ୍ସବ ଆରମ୍ଭ ହୋଇଛି। ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶ ଓ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ବିରାଟ ପଟୁଆରରେ ପରିକ୍ରମା କରି ପଥରେଶ୍ୱର ଖାଳ ନିକଟରେ ଘଟୋଉଳନ କରିଥିଲେ। ଏବଂ ଯଥାରୀତି ପୂଜା କର୍ମ ଆରମ୍ଭ ହୋଇଛି। ଏଥି ସହିତ ଆସନ୍ତା ୨୯ ତାରିଖ ବୁଧବାର ଯାଏଁ ବିଭିନ୍ନ ପ୍ରକାର ଚିତ୍ତବିନୋଦନ କାର୍ଯ୍ୟକ୍ରମ ରହିଛି।

# ଅଁଳା ନବମୀରେ ଧାତ୍ରୀ ଗଛର ପୂଜା



**ଚନ୍ଦନେଶ୍ୱର, ୨୨।୧୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇର ବାଜିତପୁର ପଞ୍ଚାୟତ ବାଜିତପୁର ଗାଁର ନନ୍ଦିନୀ ଦାସ ମହାପାତ୍ର ଅଁଳା ନବମୀ ଅବସରରେ ଧାତ୍ରୀ ଗଛକୁ ନୂତନ ବସ୍ତ୍ର ପିନ୍ଧାଇ ପୂଜା କରିବା ସହିତ ଅଙ୍ଗନବାଡିର ଛୋଟ ପିଲାମାନଙ୍କୁ ଅଁଳା ଗଛମୂଳରେ ଖିରି, ମିଠା ଖାଇବାକୁ ଦେବା ସହିତ ଚକୋଲେଟ ବଣ୍ଟନ କରିଛନ୍ତି। ତେବେ ଅଁଳା ନବମୀରେ ଧାତ୍ରୀ ବୃକ୍ଷ ଛାଇରେ ବସି ଖାଦ୍ୟ ଗ୍ରହଣ କଲେ ଦାତା ଓ ଗ୍ରହୀତାଙ୍କର ପାପନାଶ ହୁଏ ବୋଲି ସେ ବିଶ୍ୱାସ କରନ୍ତି। ସେ ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲାରେ ଏକ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିବା ସମୟରୁ ଏପରି ପୂଜାବିଧି କରି ଆସୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଅବସର ପରେ ସେ ବାଜିତପୁରଗାଁରେ ପାଳନ କରୁଛନ୍ତି ବୋଲି ତାଙ୍କର ସ୍ୱାମୀ ରାମନାରାୟଣ ଦାସ ମହାପାତ୍ର ପ୍ରକାଶ କରିଛନ୍ତି। ପୁରୋହିତ ନାରାୟଣ ଶତପଥୀ ପୂଜାପାଠ କରିଥିବା ବେଳେ ସାମ୍ବାଦିକ ଶିଶିର ପ୍ରଧାନ, ଅଜିତ ଦାସ ମହାପାତ୍ର, ଉତ୍ତମ ଦାସ ମହାପାତ୍ର, ଅଲିଭା ଦାସ ମହାପାତ୍ର ଆଦି ଉପସ୍ଥିତ ଥିବା ସହିତ ପର୍ଯ୍ୟାୟ କ୍ରମେ ବିଭିନ୍ନ ଅଙ୍ଗନବାଡି ଓ ପ୍ରାଥମିକ ବିଦ୍ୟାଳୟର ଛୋଟ ପିଲାମାନେ ଆସି ଖିରି, ମିଠା ଓ ଚକଲେଟ ଖାଇ ଖୁସିରେ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଶାହାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଉଚ୍ଛେଦ ପ୍ରସଙ୍ଗ

# ବିଦ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ପାଇଁ ଗ୍ରାମବାସୀଙ୍କ ଦାବି

**ନାମୋ, ୨୨।୧୧(ସମିସ):**

ଜଳେଶ୍ୱର ବ୍ଲକ ନେତୁଆ ପଞ୍ଚାୟତର ସାହାପୁର ଠାରେ ୨୦୦୯ ମସିହାରେ ପ୍ରତିଷ୍ଠିତ ହୋଇଥିବା ସାହାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ କେତେକ ଯୋଗ୍ୟତା ଭିତ୍ତିକ ତ୍ରୁଟି ଦର୍ଶାଇ ରାଜ୍ୟ ସରକାର ୨୦୨୧ ମସିହାରେ ବନ୍ଦ କରି ଦେଇଛନ୍ତି। ଗ୍ରାମରେ ୧୨୦ରୁ ଉର୍ଦ୍ଧ୍ୱ ପରିବାରରେ ୧୦୦୦ରୁ ଅଧିକ ଲୋକେ ବସବାସ କରନ୍ତି। ତତ୍କାଳୀନ ସମୟରେ ପ୍ରାଥମିକ ଶିକ୍ଷା ପ୍ରାପ୍ତ କରିବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ପ୍ରାୟ ୩/୪ କିଲୋମିଟର ଯିବାକୁ ପଡୁଥିଲା। ବର୍ଷା କେତେମାସ ପିଲା ବସ୍ତାନିରେ ଡୋରି ବାନ୍ଧି ଘରେ ବସୁଥିଲେ। ଯାହାକୁ ଦୃଷ୍ଟିରେ ରଖି ଗ୍ରାମର କେତେକ ବୁଦ୍ଧିଜୀବୀ ଓ ସମାଜସେବୀ କୋମଳମତି ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ସହଜରେ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏହି ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିଥିଲେ। ବିଦ୍ୟାଳୟର ଆବଶ୍ୟକୀୟ ଭିତ୍ତିଭୂମି ଥାଇ ବୈଷୟିକ ମାନଦଣ୍ଡ ପୂରଣ କରୁଥିବାରୁ ସରକାରୀ ସ୍ୱୀକୃତି ମଧ୍ୟ ମିଳିଥିଲା। ସରକାରଙ୍କ ନିୟମ ଅନୁଯାଇ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୩୭ ଜଣ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆବଶ୍ୟକ ଥିବାବେଳେ ବିଦ୍ୟାଳୟରେ କିନ୍ତୁ ୪୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିଲେ। ମାତ୍ର ୨୦୨୧ମସିହାରେ କେତେକ ବୈଷୟିକ ତ୍ରୁଟି ଦର୍ଶାଇ ରାଜ୍ୟ ସରକାର ବିଦ୍ୟାଳୟକୁ ବନ୍ଦ କରିଦେଇଛନ୍ତି। ଯାହାଫଳରେ ପ୍ରାଥମିକ ଶିକ୍ଷା ଲାଭ କରିବାକୁ ଛାତ୍ରଛାତ୍ରୀଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ୬/୭ବର୍ଷ ବୟସର ଶିଶୁଙ୍କ ପକ୍ଷରେ ଏକାକି ୨ କିଲୋମିଟର ବାଟ ଯାଇ ଶିକ୍ଷା ଗ୍ରହଣ କରିବା ସମ୍ଭବ ହେଉନାହିଁ। ଅଧିକାଂଶ ଗ୍ରାମବାସୀ ଗରିବ ଓ ମୁଲିଆ ଶ୍ରେଣୀର ହୋଇଥିବାରୁ ପ୍ରତ୍ୟହ ପିଲାଙ୍କୁ ବିଦ୍ୟାଳୟକୁ ନେଇ ପହଞ୍ଚାଇବା ଅସମ୍ଭବ। ଯାହା ଫଳରେ ଗ୍ରାମର କୋମଳମତି ଶିଶୁ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏ ବାବଦରେ ବିଜୟ ଖଣ୍ଡ, ଦେବବ୍ରତ ସେନ, ସୁବୋଧ ଦତ୍ତ, ମନୋରଞ୍ଜନ ଦାସ, ସୁକୁମାର ଦତ୍ତ ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।



